THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର୍

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୨୨ ମାର୍ଚ୍ଚ ୨୦୨୬

**ମନୋରଞ୍ଜନ**

ନାରୀ ସଂଘର୍ଷର ଅପୂର୍ବ କାହାଣୀ 'ଦୁର୍ଗା'



# ଦଣ୍ଡପର୍ବ



# ଶ୍ରୀ ରାମକୃଷ୍ଣ ଚରିତାମୃତ ୩୮



■ ମନୋଜ କୁମାର ମହାପାତ୍ର

ତାରକାନାଥ ଘୋଷାଲ୍ (ସ୍ୱାମୀ ଶିବାନନ୍ଦ) ୨୪ ପ୍ରଗନା ସ୍ଥିତ ବାରାସାତର ସୁପ୍ରସିଦ୍ଧ ଘୋଷାଲ୍ ପରିବାରରୁ ଆସିଥିଲେ। ବାଲ୍ୟାବସ୍ଥାରୁ ହିଁ ତାଙ୍କର ରୁଚି ଧ୍ୟାନ ଧାରଣାରେ ଥିଲା। ୧୮୮୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ରାମକୃଷ୍ଣଙ୍କ ସହିତ ପ୍ରଥମ ଦର୍ଶନରେ ସେ ଏତେ ପ୍ରଭାବିତ ହୋଇଥିଲେ ଯେ ସେ ତାଙ୍କୁ ଜୀବନରେ ଧ୍ରୁବତାରା କରିନେଇଥିଲେ। ପରେ ୧୯୨୨ରେ ସେ ରାମକୃଷ୍ଣ ମଠ ଏବଂ ମିଶନର ଦ୍ୱିତୀୟ ଅଧ୍ୟକ୍ଷ ହୋଇଥିଲେ।

୧୮୮୨ ଖ୍ରୀଷ୍ଟାବ୍ଦରେ ବାବୁରାମ ଘୋଷ (ସ୍ୱାମୀ ପ୍ରେମାନନ୍ଦ)ଙ୍କର ଶ୍ରୀ ରାମକୃଷ୍ଣଙ୍କ ସହିତ ପ୍ରଥମ ଭେଟ କଲିକତାରେ ହୋଇଥିଲା। ଶ୍ରୀ ରାମକୃଷ୍ଣ ତାଙ୍କ ଚରିତ୍ରର ପବିତ୍ରତା ସମ୍ବନ୍ଧରେ ଅତ୍ୟୁଚ୍ଚ ଧାରଣା ପ୍ରକାଶ କରିଥିଲେ ଏବଂ ତାଙ୍କୁ ନିତ୍ୟସିଦ୍ଧ କୋଟିରେ ପରିଗଣିତ କରିଥିଲେ। ତାଙ୍କର ଧ୍ୟାନ-ଧାରଣା ଏବଂ ସେବାଯୁକ୍ତ ଆଡମ୍ବରଶୂନ୍ୟ ଜୀବନ ତଥା ସମସ୍ତଙ୍କ ପ୍ରତି ଅପରିମିତ ପ୍ରେମ ତାଙ୍କୁ ଅଗଣିତ ଭକ୍ତ ତଥା ପ୍ରଶଂସକଙ୍କ ହୃଦୟ ସିଂହାସନରେ ବିରାଜିତ କରିଦେଇଥିଲା।

ଅସାଧାରଣ ଆଧ୍ୟାତ୍ମିକତା ସମ୍ପନ୍ନ ଜଣେ ଭକ୍ତ ଶ୍ରୀ ରାମକୃଷ୍ଣଙ୍କ ପାଖକୁ ଆସିଥିଲେ। ସେ ଥିଲେ ନିତ୍ୟ ନିରନ ଘୋଷ (ସ୍ୱାମୀ ନିରଞ୍ଜନାନନ୍ଦ)। ପରେ ସେ ସର୍ବୋତ ଭାବରେ ଶ୍ରୀ ରାମକୃଷ୍ଣଙ୍କ ଚରଣରେ ନିଜକୁ ସମର୍ପିତ କରିଦେଇଥିଲେ।

ଯୋଗେନ୍ଦ୍ର ନାଥ ରାୟଚୌଧୁରୀ (ସ୍ୱାମୀ ଯୋଗାନନ୍ଦ) ଦକ୍ଷିଣେଶ୍ୱରର ଏକ ସମ୍ଭ୍ରାନ୍ତ ପରିବାରର ଥିଲେ। ସେ ସେବେ ବାଳକ ମାତ୍ର ଥିଲେ, ସେତେବେଳେ ଶ୍ରୀ ରାମକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କରେ ଆସିଥିଲେ। ଶ୍ରୀ ରାମକୃଷ୍ଣ ତାଙ୍କୁ ଜଗଦମ୍ବାଙ୍କ ଦ୍ୱାରା ନିର୍ବାଚିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଏକ ନିରୁପିତ ବ୍ୟକ୍ତିତ୍ୱ ବୋଲି ବିବେଚନା କରିଥିଲେ।

ଶରତ ଚନ୍ଦ୍ର ଚକ୍ରବର୍ତ୍ତୀ (ସ୍ୱାମୀ ସାରଦାନନ୍ଦ) ଏବଂ ଶଶୀଭୂଷଣ ଚକ୍ରବର୍ତ୍ତୀ (ସ୍ୱାମୀ ରାମକୃଷ୍ଣାନନ୍ଦ) କକାପୁଅ ଭାଇ ଥିଲେ। ତାଙ୍କର ଜନ୍ମ କଲିକତାର ଏକ ଧର୍ମନିଷ୍ଠ ପରିବାରରେ ହୋଇଥିଲା। ସେମାନେ ୧୮୮୩ ଖ୍ରୀଷ୍ଟାବ୍ଦରେ ଶ୍ରୀ ରାମକୃଷ୍ଣଙ୍କର ଦର୍ଶନ କରିଥିଲେ ଏବଂ ଶେଷରେ ତାଙ୍କରି ଚରଣରେ ଆଶ୍ରୟ ଗ୍ରହଣ କରିଥିଲେ। ସ୍ୱାମୀ ସାରଦାନନ୍ଦ ରାମକୃଷ୍ଣ ମଠ ଓ ମିଶନର ପ୍ରଥମ ସଚିବ ହୋଇଥିଲେ। ସେ ନିଜର ବଙ୍ଗଳା ଗ୍ରନ୍ଥ 'ଶ୍ରୀ ରାମକୃଷ୍ଣ ଲୀଳା ପ୍ରସଙ୍ଗ' ଦ୍ୱାରା ଶ୍ରୀ ରାମକୃଷ୍ଣଙ୍କର ପବିତ୍ର ଜୀବନର ବିଶାଳ ଚିରସ୍ଥାୟୀ ବିବରଣୀ ଛାଡିଯାଇଛନ୍ତି। ଶ୍ରୀ ରାମକୃଷ୍ଣଙ୍କର ଅନ୍ତିମ ଦିନଗୁଡିକରେ ସ୍ୱାମୀ ରାମକୃଷ୍ଣାନନ୍ଦଙ୍କର ସେବା ଅତୁଳନୀୟ ଥିଲା। ମୟଲାପୁର (ମାଡ୍ରାସ)ର ରାମକୃଷ୍ଣଙ୍କ ମଠ ଏବଂ ବିଦ୍ୟାର୍ଥୀ ଗୃହ ଏହି ମହାନ ଆତ୍ମାଙ୍କର ନିଷ୍ଠାପୂର୍ଣ୍ଣ ସେବାର ପ୍ରତୀକ ଅଟେ। ଶଶୀ ଏବଂ ଶରଦଙ୍କ ସମ୍ବନ୍ଧରେ ଶ୍ରୀ ରାମକୃଷ୍ଣ କହୁଥିଲେ ଯେ ଏହି ଦୁଇଜଣ ପୂର୍ବ ଜନ୍ମରେ ଏହି ଇଶାମସୀହ(ଯୀଶୁ ଖ୍ରୀଷ୍ଟ)ଙ୍କର ଅନୁଗାମୀ ଥିଲେ।

ବାଗ୍ ବଜାରର ହରିନାଥ ଚାଟାର୍ଜୀ (ସ୍ୱାମୀ ତୁରିୟାନନ୍ଦ) ଶ୍ରୀ ରାମକୃଷ୍ଣଙ୍କର ଥିଲେ ଅନ୍ୟ ଜଣେ ମହାନ ଶିଷ୍ୟ ଯିଏ ରାମକୃଷ୍ଣଙ୍କର ଆକର୍ଷଣ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କର କଠୋର ତପସ୍ୟା ତଥା ଅଦ୍ଭୁତ ସହନଶକ୍ତି ତାଙ୍କୁ ଜଣେ ମହାନ ଯୋଗୀ ରୂପେ ପ୍ରତିଷ୍ଠିତ କରିପାରିଥିଲା। ସେ ଲେଖିଯାଇଥିବା ପତ୍ରମାନ ତଥା ବାର୍ତ୍ତାଳାପର ସଂଗ୍ରହ ଆଧ୍ୟାତ୍ମିକ ପ୍ରେରଣାର ଅତ୍ୟୁଚ୍ଚ ସାଧନ ଅଟେ।

ଗଙ୍ଗାଧର ଘଟକ (ସ୍ୱାମୀ ଅଖଣ୍ଡାନନ୍ଦ) ହରିନାଥଙ୍କର ମିତ୍ର ଥିଲେ ଏବଂ ସେହି ଦୁଇ ଜଣ ଏକ ସମୟରେ ଶ୍ରୀ ରାମକୃଷ୍ଣଙ୍କର ପ୍ରଥମ ଦର୍ଶନ ଲାଭ କରିଥିଲେ। ଶ୍ରୀ ରାମକୃଷ୍ଣଙ୍କର ତ୍ୟାଗୀ ଶିଷ୍ୟମାନଙ୍କ ମଧ୍ୟରେ ସେ ଏପରି ଥିଲେ ଯେ ଯିଏ ସର୍ବପ୍ରଥମେ ୧୮୯୪ ଖ୍ରୀଷ୍ଟାବ୍ଦରେ ଭାରତରେ ସେବା କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ୱାମୀ ଶିବାନନ୍ଦଙ୍କ ଦେହତ୍ୟାଗ ପରେ ସେ ୧୯୩୪ ଖ୍ରୀଷ୍ଟାବ୍ଦରେ ରାମକୃଷ୍ଣ ମଠ ଏବଂ ମିଶନର ଅଧ୍ୟକ୍ଷ ହୋଇଥିଲେ।

(କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ପୁଣ୍ୟବହୁଳ ରାତ୍ରି ଶବେକଦର

ଅଲ୍ଲାତାଲା ସମଗ୍ର ସୃଷ୍ଟିରେ ଶ୍ରେଷ୍ଠ ଜୀବ ରୂପେ ମନୁଷ୍ୟକୁ ସୃଷ୍ଟି କରିଛନ୍ତି। କେବଳ ତା'ର ଆରାଧନା ପାଇଁ ତା'ର ହୃଦୟରେ ଧର୍ମର ଏକ ବିଶେଷତ୍ୱ ରହିଛି। ପ୍ରତ୍ୟେକ ଧର୍ମର ମୂଳକଥା ହେଲା ଇମାନ୍ ବା ବିଶ୍ୱାସର ଅବଧାନରତ ଅର୍ଥ ହେଲା ସୃଷ୍ଟିର ଶେଷ ଓ ଶ୍ରେଷ୍ଠ। କଲ୍‌କୀ ଅବତାର ହଜରତ୍ ମହମ୍ମଦ ସ୍ୱ.ଆ..ଅଲେଇସଲମଙ୍କ ଦ୍ୱାରା ପ୍ରେରିତ ଧର୍ମୀୟ ଭାବନାସ୍ୱୟଂ ଆଲ୍ଲାଙ୍କର ଭରସା ଉପରେ ମାନିନେବାକୁ ଧର୍ମୀୟ ବିଶ୍ୱାସ କୁହାଯାଏ । ଏହି ବିଶ୍ୱାସକୁ ଆଧାର କରି ଆଜି ସମଗ୍ର ବିଶ୍ୱରେ ଇସଲାମ ଜଗତରେ ରମଜାନ ମାସର ଏହି ଅଦ୍ୱିତୀୟ ରାତ୍ରି ମହତ୍ ଆସି ପହଞ୍ଚିଛି।

ଇସ୍‌ଲାମ ଧର୍ମରେ ବର୍ଷକର ଅନ୍ୟ ମାସ ତୁଳନାରେ ଉକ୍ତ ମାସର ପ୍ରାଧାନ୍ୟ ଅଧିକ ଓ ଉକ୍ତ ମାସର ସମସ୍ତ ରାତ୍ରି ତୁଳନାରେ ଏହି ବିରଳ ରାତ୍ରି ଶବେକଦରର ପ୍ରାଧାନ୍ୟ ଅଧିକ। ଉକ୍ତ ରାତ୍ରିରେ ଆରାଧନା ଏକ ହଜାର ମାସର ଆରାଧନାର ପୁଣ୍ୟ ହାସଲ କରିଥାଏ।

ଏହିପରି ଏକ ବିରଳ ଓ ପବିତ୍ର ରାତ୍ରି ଯାହାକି ପୂର୍ବେ କୌଣସି ଅନୁଗାମୀମାନଙ୍କୁ ପ୍ରାପ୍ତ ହୋଇନାହିଁ। ଏହି ମହତ୍ତ୍ୱପୂର୍ଣ୍ଣ ରାତ୍ରି କେବଳ ଶେଷ ଓ ଶ୍ରେଷ୍ଠ କଲ୍‌କୀ ଅବତାରଙ୍କ ଅନୁଗାମୀମାନଙ୍କର ପାପର ମାତ୍ରାକୁ ଧୌତ କରିବାକୁ ଆଲ୍ଲାତାଲାଙ୍କ ତରଫରୁ ପ୍ରଦାନ କରାଯାଇଅଛି। ଅନେକ ଧର୍ମଗୁରୁଙ୍କ ମତାନୁସାରେ ଏହିପରି ରାତ୍ରି ପାଇଁ ଯୁକ୍ତି ବାଢ଼ିବାର ତାତ୍ପର୍ଯ୍ୟ ଏହି ଯେ ଶେଷ ଓ ଶ୍ରେଷ୍ଠ କଲ୍‌କୀ ଅବତାର ହଜରତ, ମହମ୍ମଦ. ସ୍ୱ.ଆ..ଆଲେଇସଲମଙ୍କ ଅନୁଗାମୀମାନଙ୍କୁ ବନି ଇସ୍ରାଇଲ୍ ଦେଶର ଜଣେ ମୁଜାହିଦ (ନିଷ୍ପାପର ଭକ୍ତ) ବିଷୟରେ ସୂଚନା ଦେଇଥିଲେ ଯେ କି ନିମଗ୍ନ ରହିଥିଲା। ଏହା ଶୁଣି ହଜରତ୍ ଏକହଜାର ମାସ ଆଲ୍ଲାଙ୍କ ଆରାଧନାରେ ମହମ୍ମଦ ସ୍ୱାଆଓଙ୍କ ଅନୁଗାମୀମାନେ ଆଶ୍ଚର୍ଯ୍ୟରେ ଚକିତ ହେଲେ କାରଣ ବନି ଇସ୍ରାଇଲ ବାସୀଙ୍କର ଆୟୁ ଶହଶହ ବର୍ଷ ଅଧିକ ଥିଲା ଯାହାଦ୍ୱାରା ପୁଣ୍ୟର ମାତ୍ରା ବଢ଼ିଯିବା ସ୍ୱାଭାବିକ। ବର୍ତ୍ତମାନ ଶେଷ ଓ ଶ୍ରେଷ୍ଠ କଳକୀ ଅବତାରଙ୍କ ଅନୁଗାମୀମାନଙ୍କର ଆୟୁ କେବଳ ୬୦-୭୦ ବର୍ଷ ଭିତରେ ସୀମିତ ଅଟେ। ଏହାର ଫଳସ୍ୱରୂପ ଉକ୍ତ ନବିଙ୍କର ଅନୁଗାମୀମାନଙ୍କୁ ଏହି ସ୍ୱଚ୍ଛ ଆୟୁ ମଧ୍ୟରେ ପୁଣ୍ୟ ଅର୍ଜନ କରିବା ପାଇଁ ଆଲ୍ଲାତାଲା ଉକ୍ତ ରାତ୍ରି ନିଜର ଭକ୍ତଗଣଙ୍କ ପାପର ଧୌତ ପାଇଁ ପ୍ରଦାନ କରିଛନ୍ତି। ଉକ୍ତ ରାତ୍ରିର ଆରାଧନାକୁ ଏକ ହଜାର ମାସର ଆରାଧନାଠାରୁ ଶ୍ରେଷ୍ଠ ଓ ଶ୍ରେୟସ୍କର ମଣିଛନ୍ତି ଯାହାର କି ୮୩ ବର୍ଷର ଆରାଧନା ଶ୍ରେୟସ୍କର ଅଟେ।

ଅନ୍ୟପକ୍ଷରେ ବିଚାର କଲେ ପୈଗମ୍ବର ହଜରତ ସୁଲେମାନ ୱି. ଏବଂ ବାଦ୍ ଶାହା (ଶାସନକର୍ତ୍ତା) କୁଲକର ନୈବ୍ ଉଭୟଙ୍କର ଶାସନ ବ୍ୟବସ୍ଥା ସମଗ୍ର ପୃଥିବୀ ପୃଷ୍ଠରେ ୫୦୦ ମାସ ଲେଖାଏଁ ଚାଲିଥିଲା। ଏହାର ଫଳ ସ୍ୱରୂପ ଆଲ୍ଲାତାଲା ହଜରଦ୍ ମହମ୍ମଦ୍ ଆଓସଙ୍କ ଅନୁଗାମୀମାନଙ୍କୁ ଏପରି ଏକ ବିରଳ ପବିତ୍ର ରାତ୍ରି ପ୍ରଦାନ କରିଛନ୍ତି। ଉକ୍ତ ରାତ୍ରିର ପୁଣ୍ୟକୁ ଉପରୋକ୍ତ ଉଭୟ ବାଦ୍ ଶାହଙ୍କର ୧୦୦୦ ମାସର ଶାସନ ବ୍ୟବସ୍ଥାଠାରୁ ଶ୍ରେଷ୍ଠ ଓ ଶ୍ରେୟସ୍କର ମଣିଥାନ୍ତି।

ଆଲ୍ଲାତାଲା ଏହି ଅନୁଗାମୀମାନଙ୍କୁ ଇବାଦତ୍ (ଆରାଧନା)ର ଶ୍ରେଷ୍ଠତା ପ୍ରଦାନ କରିଛନ୍ତି। ଏହି ରାତ୍ରିକୁ ଶବେକଦର ଏଇଥିପାଇଁ କୁହାଯାଇଛି, ଯେ ମନୁଷ୍ୟ ସମଗ୍ର ବର୍ଷର ୧୧ ମାସ ସାଂସାରିକ ଜଞ୍ଜାଳ ଓ ପାପ କର୍ମରେ ଲିପ୍ତ ଥାଇ ଆଲ୍ଲାତାଲାଙ୍କର ଅବମାନନା କରିଥାଏ ଯଦ୍ୱାରା ଆଲ୍ଲାତାଲାଙ୍କ ନିକଟରେ ତାର କୌଣସି କଦର (ମର୍ଯ୍ୟାଦା) ନଥାଏ । କିନ୍ତୁ ଉକ୍ତ ମାସରେ ଏକ ପବିତ୍ର ରାତ୍ରିର ଆରାଧନା ତୌବା ଓ ଅସ୍ତଗଫାର (ପାପର କ୍ଷମା) ପ୍ରାର୍ଥନା କରି ପୁଣ୍ୟାର୍ଜନ କରି ଆଲ୍ଲାତାଲାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରିଥାଏ। ଉକ୍ତ ରାତ୍ରିର ଆରାଧନା କରି ସେ କଦର ବା ମର୍ଯ୍ୟାଦାବାନ୍ ବନିଯାଏ । ଏହି ରାତ୍ରିର ଆରାଧନା ତା'ର ଧାର୍ମିକ ଆତ୍ମସମ୍ମାନ ଫେରାଇବାର ରାତ୍ରି ବୋଲି କୁହାଯାଏ।

ଉକ୍ତ ମାସର ଶେଷାର୍ଦ୍ଧ ୧୦ ଦିନରେ ଉକ୍ତ ରାତ୍ରିର ମହତ୍ତ୍ୱ ପ୍ରାପ୍ତି ହୋଇଥାଏ। ଉକ୍ତ ରାତ୍ରିର ସନ୍ଧାନ ପାଇଁ ଧର୍ମଗୁରୁମାନେ ପ୍ରଦତ୍ତ ରାତ୍ରି ଗୁଡିକରେ ଆରାଧନା କରି ପୁଣ୍ୟପ୍ରାପ୍ତି ଲାଭ ହୋଇଥାଏ। ଉକ୍ତ ରାତ୍ରିଗୁଡିକ ହେଲା ୨୧, ୨୩, ୨୫ ଓ ୨୭। ଉକ୍ତ ରାତ୍ରିରେ ଉଜାଗର ପୂର୍ବକ ଇବାଦତ୍ (ଆରାଧନା)ରେ କେବଳ ୧୦୦୦ ମାସର ପୁଣ୍ୟପ୍ରାପ୍ତି ହୋଇଥାଏ। ଉକ୍ତ ନିର୍ଦ୍ଦିଷ୍ଟ ରାତ୍ରରେ ଡି ବ୍ରାଇଲ୍ ୭୦,୦୦୦ ସ୍ୱର୍ଗୀୟ ଫରିସ୍ତାମାନଙ୍କ ସହିତ ପୃଥିବୀପୃଷ୍ଠକୁ ଆସି ଇବାଦଦ କରୁଥିବା ଧାର୍ମିକ ପୁରୁଷ ଓ ସ୍ତ୍ରୀମାନଙ୍କୁ ମୁସାଫା (କରମର୍ଦ୍ଦନ) କରନ୍ତି ଏବଂ ସେମାନେ ସମସ୍ତେ ଗୃହ ପ୍ରବେଶ କରି ଆଲ୍ଲାଙ୍କ ପାଖରେ ଇବାଦତରେ ଲାଗିଥିବା ବ୍ୟକ୍ତି ଗଣଙ୍କ ପାଇଁ ଦୁଆ କରନ୍ତି ।

ଆଲ୍ଲାତାଲାଙ୍କ ପାଖରେ ପ୍ରାୟଶ୍ଚିତ କରନ୍ତି କିନ୍ତୁ ଜିବ୍ରାଇଲ ଏପରି ଘରେ ପ୍ରବେଶ କରନ୍ତି ନାହିଁ ଯେଉଁଘରେ କୁକୁର, ଘୁଷୁରି ଓ ଜୀବନ୍ତ ପ୍ରାଣୀ ଓ ଜୀବର ଫଟୋଚିତ୍ର ଲାଗିଥାଏ। ମଦ୍ୟପ, ବ୍ୟଭିଚାରୀ ଓ ବୃଦ୍ଧ ପିତାମାତାଙ୍କୁ ଘୃଣା କରୁଥିବା ବ୍ୟକ୍ତି ବିଶେଷଙ୍କୁ ସେମାନେ ଲାଇତ୍ (ଲାଞ୍ଛନା) କରିକି ଚାଲିଯାଆନ୍ତି। ଉକ୍ତ ନିର୍ଦ୍ଦିଷ୍ଟ ରାତ୍ରିରେ ସମସ୍ତ ଜୀବଜଗତ ଓ ବୃକ୍ଷାଦି ମଧ୍ୟ ଆଲ୍ଲାତାଲାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି। ଉକ୍ତ ନିର୍ଦ୍ଦିଷ୍ଟ ରାତ୍ରିରେ ସମୁଦ୍ରର ଲବଣାକ୍ତ ଜଳ ମଧ୍ୟ ମଧୁରହୋଇଥାଏ।

ଉକ୍ତ ମାସରେ ମୁସଲମାନ ଭାଇମାନେ ନମାଜପାଠ ପୂର୍ବକ କୋରାନ ଆବୃତ୍ତି କରି ଆଲ୍ଲାତାଲାଙ୍କର ଅପାର କରୁଣାଲାଭ ପୂର୍ବକ ଦୁଆ ଓ ଅସ୍‌ତାଗ୍‌ଫାର କରନ୍ତି । ଉକ୍ତ ମାସରେ କୁଶ୍ରବଣ, କୁଦର୍ଶନ, କୁକଥନ ଇତ୍ୟାଦିରୁ ନିବୃତ୍ତ ରହି ଆଲ୍ଲାତାଲା ମତେ ଓ ସମଗ୍ର ମାନବ ସମାଜକୁ ଉକ୍ତ ରାତ୍ରିରେ ପାପକୁ ଧୋଇ ଦିଅନ୍ତୁ। (ଆମିନ୍)

**ମହମ୍ମଦ ଇମଦାଦ ସରିଫ**
ମୋ-୮୯୦୮୫୨୮୮୯୩



# ଦଣ୍ଡପର୍ବ



ପୁରାଣ ବର୍ଣ୍ଣିତ ଶିବ ଏବଂ ଶାକ୍ତ ଉପାସନାର ନିଆରା ପରମ୍ପରା ଦଣ୍ଡଯାତ୍ରା । ଗଞ୍ଜାମ, କନ୍ଧମାଳ, ନୟାଗଡ ଓ କେଉଁଝର ଜିଲ୍ଲାରେ ଚୈତ୍ରମାସରେ ଆୟୋଜିତ ଏହି ପର୍ବକୁ ସମଭାବରେ ଭିନ୍ନ ଭିନ୍ନ ଶୈଳୀରେ ପାଳନ କରାଯାଇଥାଏ । ବିଶେଷ କରି ଗଞ୍ଜାମ ଜିଲ୍ଲାରେ ଏହି ଦଣ୍ଡ ପରମ୍ପରାର ପ୍ରାବଲ୍ୟତା ଓ ପାଳନ ଶୈଳୀ ବହୁ ମାତ୍ରାରେ ଆୟୋଜନ ହୋଇଥାଏ । ଚୈତ୍ର ମାସରେ ମୀନ ସତର ଦିନ ଗତେ ଓ ମେଷ ତେର ଦିନ ଧରି ଦଣ୍ଡପର୍ବର ପାଳନ ହୋଇଥାଏ । ଢୋଲ, ମହୁରୀର ତାଳେ ତାଳେ ଝୁଣାମୁଠିର ପ୍ରୟୋଗ ଓ ତେର ଭୋକ୍ତାଙ୍କ ଦଣ୍ଡ ବିଧାନ ମାଧ୍ୟମରେ ମୋକ୍ଷ ପ୍ରାପ୍ତି ପାଇଁ ଏହା ଏକ ଅଲୌକିକ ଧର୍ମୀୟ ଭାବଧାରା ଭାବେ ଶତାଧିକ ବର୍ଷଧରି ପାଳନ ହୋଇ ଆସୁଛି । ଅନ୍ୟ ଜିଲ୍ଲାର ଶତାଧିକ ଗ୍ରାମରେ ଏହି ଦଣ୍ଡ ପରମ୍ପରା ପାଳନ ହୋଇ ଆସୁଥିବା ବେଳେ, ଗଞ୍ଜାମର ପ୍ରାୟ ୩୬୮ ଗ୍ରାମରେ ଦଣ୍ଡଯାତ୍ରା ପାଳନ ହୋଇ ଆସୁଛି । ହିନ୍ଦୁ ଧର୍ମାବଲମ୍ବୀ ଭକ୍ତି ଭାବଧାରାରେ ଶୈବ, ବୈଷ୍ଣବ ଓ ଶକ୍ତି ଉପାସନର ପରମ୍ପରା ରହିଥିବା ବେଳେ, ଏହି ଦଣ୍ଡ ପରମ୍ପରାରେ ଶିବ ଏବଂ ଶକ୍ତି ଉପାସନାକୁ ଏକତ୍ର ପାଳନ କରିବାର ପୌରାଣିକ ମତବାଦ ରହିଛି । ପ୍ରଥମେ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ବିରୁପାକ୍ଷଙ୍କ ପୀଠରୁ ଏହି ପରମ୍ପରାର ଅୟମାରମ୍ଭ ହୋଇଥିବା ନେଇ ପୁରାଣ ମତ ରହିଛି । ବର୍ତ୍ତମାନ ଗଞ୍ଜାମ ଜିଲ୍ଲାର ଏହା ପ୍ରଧାନ ପର୍ବ ବୋଲି କୁହାଯାଏ । ୧୩ଦିନ ଧରି ଉତ୍ସବ ମୁଖର ହୋଇ ଉଠେ ପୁରପଲ୍ଲୀ । ଶିବ ଏବଂ ଶାକ୍ତ ଉପାସନାରେ ମନ୍ତ୍ର ମୁଗ୍ଧ ହୋଇ ଉଠେ ଗଗନ ମଣ୍ଡଳ । ଭକ୍ତି ଭାବନାରେ ରସସିକ୍ତ ହୋଇ ଉଠେ ଗୋଡ଼ି, ମାଟି ପାଣି ଓ ପବନ । ପୁରାଣ ବର୍ଣ୍ଣିତ ଏହି ଦଣ୍ଡପର୍ବ ଶିବ ଏବଂ କାଳୀଙ୍କ ଅଲୌକିକ ମହିମା ଏବଂ ଭକ୍ତି ଭାବନା ପ୍ରତ୍ୟେକ ଓଡିଆଙ୍କ ମନରେ ସତନ୍ତ୍ର ଧର୍ମୀୟ ଭାବଧାରା ସୃଷ୍ଟି ହୁଏ । ୧୩ ଭୋକ୍ତା, ୧୬ଦଣ୍ଡ, ୧୩ ଦିନର ପର୍ବ, ୧୩ ବିଧାନ ଭଳି ଧର୍ମୀୟ ପରମ୍ପରାରେ ୧୩ଜଣ ଋଷିପୁତ୍ର ଗୈରୀକ ବସ୍ତ୍ର ପରିଧାନ କରି ହାତରେ ବାନା ଓ ମୟୁର ପିଞ୍ଛ ମୁଠା ଧରି ୧୩ ଦିନ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ତତଲା ବାଲିଠାରୁ ଆରମ୍ଭ କରି ଅଗ୍ନିଦଣ୍ଡ ଭୋଗ କରନ୍ତି । ଏକ ସ୍ୱରରେ 'କଳାରୁଦ୍ର ମଣିଙ୍କୁ ଭଜିଲେ' ଉଚ୍ଚାରଣ କରି ଦଣ୍ଡବିଧାନ ଓ ମାନସିକ ପୁରଣ କରନ୍ତି । ପୌରାଣିକ ମତବାଦ ଅନୁସାରେ ସତ୍ୟଯୁଗ, ତ୍ରେତୟାଯୁଗ, ଦ୍ୱାପର ଯୁଗ ଓ ବର୍ତ୍ତମାନ କଳି ଯୁଗରେ ଏହି ଦଣ୍ଡଯାତ୍ରା ପାଳନ ନେଇ ବିଶ୍ୱାସ ରହିଛି । ସତ୍ୟ ଯୁଗରେ ଦେବତା, ତ୍ରେତୟା ଯୁଗରେ ମଧୁପୁର ରାଜ୍ୟର ମାଧବ ରାଜା, ଦ୍ୱାପରରେ କୃଷ୍ଣ ଓ ସତ୍ୟଭାମା ଏବଂ କଳିଯୁଗରେ ସାଧାରଣ ମଣିଷ ନିଜକୁ ଋଷିପୁତ୍ର ବା ୧୩ ଭୋକ୍ତା ଭାବେ ଅଭିହିତ କରି ଦଣ୍ଡଯାତ୍ରା ପାଳନ ହୋଇ ଆସୁଥିବା ପୁରାଣ ଶାସ୍ତ୍ରକାରମାନେ ମତ ଦିଅନ୍ତି ।

ରିପୋର୍ଟ- ସରୋଜ ଦାଶ,
ଅର୍ବନ୍ ବ୍ୟାଙ୍କ ରୋଡ, ଆସିକା



## ଦଣ୍ଡପର୍ବର ଆରମ୍ଭ - (ପୌରାଣିକ ମତବାଦ)

ସତ୍ୟ ଯୁଗରେ ବ୍ରହ୍ମାଙ୍କର ୫ପୁତ୍ର ଇନ୍ଦ୍ରଙ୍କର ୫ପୁତ୍ର ଏବଂ କୁବେରଙ୍କ ୩ପୁତ୍ର (ମରିଚଃ, ପୁଲହଃ, ପୁଲସ୍ତ୍ୟ, କୃତୁଃ, ଅଙ୍ଗିରା, ଜୟନ୍ତ, ପାକଶାସ୍ତି, ସୁବସ୍ୱ, ସୁରସେନ, ଗନ୍ଧର୍ବସେନ, ନଳ, କୁବେର ଓ ମଣିଭଦ୍ର) ପ୍ରମୁଖ ଦେବଗୁରୁ ବୃହସ୍ପତିଙ୍କଠାରୁ ବିଦ୍ୟା ଶିକ୍ଷା କରି ଫେରୁଥିବା ବେଳେ, କର୍ତ୍ତୁ ମହାମୁନି ନାମକ ଜଣେ ଋଷି ଏକ ନଦୀରେ ପିତୃ ପୁରୁଷଙ୍କୁ ଜଳ ତର୍ପଣ କରୁଥିଲେ । ଏହି ସମୟରେ ୧୩ଜଣ ଦେବପୁତ୍ର ସ୍ମଶାନର ହାଡ ପାଉଁଶକୁ କର୍ତ୍ତୁ ଋଷିଙ୍କ ଉପରକୁ ଫୋପାଡି ପରିହାସ କରିଥିଲେ । ଫଳରେ ଋଷିଜଣକ କ୍ରୋଧାନ୍ୱିତ ହୋଇ ୧୩ଜଣ ଦେବପୁତ୍ରଙ୍କୁ ଅଭିଶାପ ଦେଇଥିଲେ । ସଙ୍ଗେ ସଙ୍ଗେ ଦେବପୁତ୍ରଙ୍କୁ କୁଷ୍ଠ ବ୍ୟାଧି ହୋଇଗଲା । ଦେବପୁତ୍ରଙ୍କୁ କୁଷ୍ଠବ୍ୟାଧିରୁ ଶ୍ୟାପ ମୁକ୍ତ କରିବା ପାଇଁ ବ୍ରହ୍ମା, ଇନ୍ଦ୍ର ଓ କୁବେର ମହାଦେବଙ୍କୁ ପ୍ରାର୍ଥନା କଲେ । ଶେଷରେ ନିଜେ ରୁଦ୍ର ଏବଂ କାଳୀଙ୍କୁ ଆରାଧନା କଲେ ଏହି ଶ୍ୟାପ ମୁକ୍ତ ହେବ ବୋଲି ମହାଦେବ ପରାମର୍ଶ ଦେଲେ । କିନ୍ତୁ ଏହି ରୁଦ୍ର ଏବଂ କାଳୀ ପୂଜା ୧୩ଜଣ ଦେବପୁତ୍ର ନିଷ୍ଠାର ସହ କରିବାକୁ ପଡିବ ଏବଂ ୧୬ ପ୍ରକାର ଦଣ୍ଡ ଗ୍ରହଣ କରିବା ସହ ୧୩ଦିନ ପର୍ଯ୍ୟନ୍ତ ବାସତ୍ୟାଗ, ମୈଥୁନ ତ୍ୟାଗ, ୧୩ ସ୍ନାନ ଏବଂ ୧୩ ରାତ୍ରି ଉଜାଗର ରହି ପାଳନ କରିବାକୁ ନିର୍ଦ୍ଦେଶ ଦେଲେ । ନିୟମାନୁସାରେ ୧୩ଜଣ ଦେବପୁତ୍ର ୧୬ ଦିନ ପର୍ଯ୍ୟନ୍ତ ବ୍ରତ ପାଳନ କରିବା ପରେ ଅନ୍ତିମ ଦିନ ୧୩ଜଣ ଦେବପୁତ୍ର ନିଦ୍ରାଗଲେ । ଫଳରେ ହର କ୍ରୋଧାନ୍ୱିତ ହୋଇ ମୃତ୍ୟୁ ଦଣ୍ଡ ଦେବାକୁ ଉଦ୍ୟତ ହେଲା ମାତ୍ରେ ମା'କାଳୀ ଏଭଳି କାର୍ଯ୍ୟକୁ ବାରଣ କରିବା ସହ ପରବର୍ତ୍ତୀ ଜନ୍ମରେ ରୁଦ୍ର-କାଳୀଙ୍କ ନିଷ୍ଠାର ସହ ଉପାସନା କଲେ ଶ୍ୟାପମୁକ୍ତ ହେବେ ବୋଲି କହିଲେ ।

ପରବର୍ତ୍ତୀ ଜନ୍ମରେ ଏହି ୧୩ଜଣ ଦେବପୁତ୍ର ଶ୍ୟାପ ମୁକ୍ତ ହେବା ପାଇଁ ଋଷିପୁତ୍ର ଭାବେ ଜନ୍ମ ହେଲେ । ସେମାନେ ହେଲେ ଦୁର୍ବାସା, ଗୌତମ, ଶକ୍ତି, ଭୃଗୁ, ଆର୍କସେକ, ଆସମିକ, ରଦ୍ର, ଦତ୍ତାତ୍ରେୟ, ଭୟ, ମହାବୀର୍ଯ୍ୟ, ଗର୍ଗ ଓ ନର । ଏହି ୧୩ଜଣ ଋଷିପୁତ୍ର ଜଙ୍ଗଲରେ ଖେଳୁଥିବା ବେଳେ, ହର-ପାର୍ବତୀ ଯୋଗୀ ବେଶ ଧାରଣ କରି ଉକ୍ତରାସ୍ତା ଦେଇ ଯାଉଥିବା ବେଳେ, ୧୩ଜଣ ଋଷିପୁତ୍ର ଯୋଗୀ ବେଶଧାରୀ ହର-ପାର୍ବତୀଙ୍କୁ ଥଟ୍ଟା ପରିହାସ କରିବା ସହ ତତଲା ଧୂଳି ସେମାନଙ୍କ ଉପରକୁ ଫୋପାଡି ଥିଲେ । ଫଳରେ ପର-ପାର୍ବତୀ କୋପାନଳ ହୋଇ ଋଷିପୁତ୍ରଙ୍କୁ ଅଭିଶାପ ଦେବା ସହ ତତଲା ବାଲି ବୋଲି ହୋଇ ଦଣ୍ଡ ଗ୍ରହଣ କରିବା ସହ ଋଷିପୁତ୍ର ହୋଇ ନୀଚ କର୍ମ କରିଥିବାରୁ ଶିବ ପାବତୀ ପୁଣି ଥରେ ଅଭିଶାପ ଦେଇଥିଲେ । ପରବର୍ତ୍ତୀ ଜନ୍ମରେ ପୁଣିଥରେ ନୀଚ ଜାତିରେ ଜନ୍ମ ହୋଇ ଦଣ୍ଡବ୍ରତ ନିଷ୍ଠାର ସହ ପାଳନ କରି ହର-ପାର୍ବତୀ(କାଳୀ)ଙ୍କୁ ସନ୍ତୁଷ୍ଟ କଲେ ଶ୍ୟାପମୁକ୍ତ ହେବେ ବୋଲି କହିଲେ ।

ତୃତୀୟ ଜନ୍ମରେ ଏହି ୧୩ଜଣ ଦେବପୁତ୍ର ପର-ପାର୍ବତୀଙ୍କ ଠାରୁ ଅଭିଶାପ ପାଇ ୧୩ ଅଛବ ଜାତି (ଯାହାକି ଆଜିର ଆଇନ ଅନୁସାରେ ଅଛବ କିମ୍ବା ନୀଚ ବୋଲି କହିବା ଦଣ୍ଡନୀୟ ଅପରାଧ)ରେ ଜନ୍ମ ଗ୍ରହଣ କଲେ (ଶବର, ସଉରା, ପାଣ, ହାଡି, ବାଉରୀ, ଡମ୍ବ, କେଳା, କୈବର୍ତ୍ତ, ରଜକ, ମୁଣ୍ଡା, କନ୍ଧ କୂଳରେ ଜନ୍ମ ନେଲେ ଉକ୍ତ ଜାତିର ୧୩ଜଣ ଭୋକ୍ତା ହେଲେ- ଚଢେୟା, ଚହଟା, ହେମା, ଜେମା, ରାଜା, ରଣା, ଆନନ୍ଦ, ମଙ୍ଗୁଲୁ, ହନୁ, ବାନା, ଧନୁ, ରଘୁ, ଓ କାଳୁ ପ୍ରମୁଖ ।

ଏହି ୧୩ଜଣ ଭୋକ୍ତା ଯିଏକି ବ୍ରହ୍ମା, ଇନ୍ଦ୍ର ଓ କୁବେର ପ୍ରଭୃତି ଦେବତାଙ୍କ ପୁତ୍ର ଭାବେ ପ୍ରଥମ ଜନ୍ମରେ ଏବଂ ଦ୍ୱିତୀୟ ଜନ୍ମରେ ଋଷିପୁତ୍ର ଭାବରେ ଏବଂ ତୃତୀୟ ଜନ୍ମରେ ନୀଚକୂଳ (ଆଇନ୍ ବିରୁଦ୍ଧ)ରେ ଜନ୍ମ ହେବା ପରେ ଇନ୍ଦ୍ର ଦେବତା ୫ପୁତ୍ରଙ୍କ ବିଚ୍ଛେଦରେ ମ୍ରିୟମାଣ ହୋଇ ସମସ୍ତ ଦେବପୁତ୍ର (୧୩ଜଣ)ଙ୍କୁ ତୃତୀୟ ଜନ୍ମରୁ ମୁକ୍ତି କରିବା ପାଇଁ ରୁଦ୍ର ଏବଂ କାଳୀଙ୍କ ବ୍ରତକୁ ସଠିକ୍ ଭାବେ ସମାପନ କରିବା ପାଇଁ ଇନ୍ଦ୍ର ତାଙ୍କର ପୁତ୍ର ଗନ୍ଧର୍ବ ସେନଙ୍କୁ 'ଚଢେୟା' ଭାବରେ ମର୍ତ୍ତ୍ୟପୁର (କଳିଯୁଗ)କୁ ପଠାଇ ଥିଲେ । ଯାହାକି ଆଜିର ପ୍ରଚଳିତ ଦଣ୍ଡଯାତ୍ରାରେ 'ଚଢେୟା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଅନ୍ୟ ୧୨ଜଣ ଭୋକ୍ତାଙ୍କ ଭିତରେ ରୁଦ୍ର-କାଳୀଙ୍କ ବ୍ରତର ନିଷ୍ଠା ଓ ଭକ୍ତି ଭାବନା ଉଦ୍ରେକ କରି ଦଣ୍ଡ ବିଧାନ ପାଳନ ପୂର୍ବକ ଶ୍ୟାପଗ୍ରସ୍ତ ଜନ୍ମରୁ ଉଧାର ପାଇଁ ମୁଖ୍ୟ ଭୂମିକା ଦେଇଥାଏ । ଇନ୍ଦ୍ରଙ୍କର ପୁତ୍ର ଗନ୍ଧର୍ବ ସେନ 'ଚଢେୟା' ଜାତିରେ ଜନ୍ମ ନେଇ ପ୍ରଥମେ



'ବିରୁପାକ୍ଷ' (ମହାଦେବ)ଙ୍କୁ ତପସ୍ୟା କରି ଦଣ୍ଡବିଧାନ ସଂପର୍କରେ ଆଜ୍ଞାପାଇ ଅନ୍ୟ ଭୋକ୍ତା ମାନଙ୍କୁ ନେଇ ଦଣ୍ଡଯାତ୍ରା ଆରମ୍ଭ କରିଥିଲେ । ଯାହାକି ପୁରାଣରେ ଲେଖା ଯାଇଥିବା ଅନୁସାରେ ଗଞ୍ଜାମ ଓ କନ୍ଧମାଳ ସୀମାନ୍ତରେ ଥିବା ଚକାପାଦ ନିକଟ 'ବିରୁପାକ୍ଷ' ପୀଠ ନିକଟରୁ କଳିଯୁଗର ଦଣ୍ଡଯାତ୍ରା ବା ରୁଦ୍ର-କାଳୀଙ୍କର ଏହି ଚୈତ୍ର ଯାତ୍ରା ବା ରୁଦ୍ର କାଳୀଙ୍କର ଏହି ଚୈତ୍ର ଯାତ୍ରା ଆରମ୍ଭ ହୋଇଛି ବୋଲି ପୁରାଣ ଶାସ୍ତ୍ରକାର ମାନେ ମତ ଦିଅନ୍ତି । ସେହି ଠାରୁ ହିଁ ଦଣ୍ଡ ଯାତ୍ରାର ଉତ୍ପତ୍ତି ବୋଲି କୁହାଯାଏ ।

ଦଣ୍ଡଯାତ୍ରାର ବିଧାନ-

୧୩ ଭୋକ୍ତା ଏହାର ପ୍ରଥମ ସେବକ । ରୁଦ୍ର ଏବଂ କାଳୀଙ୍କୁ ପୂଜାର୍ଚ୍ଚନା ସାଙ୍ଗକୁ ୧୩ ଦିନ ପର୍ଯ୍ୟନ୍ତ ୧୬ଦଣ୍ଡ ଗ୍ରହଣ କରନ୍ତି ।

୧୬ ଦଣ୍ଡ- ଆହାର, ଉଜାଗର, ଗୃହଦଣ୍ଡ, ମୈଥୁନ ତ୍ୟାଗ, ପଦଗାମୀ, ଶ୍ମଶାନବାସୀ, ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ, ଅଗ୍ନିପରୀକ୍ଷା, ଗୃହତ୍ୟାଗ ଦଣ୍ଡ, ନାଚଦଣ୍ଡ, ପାକଦଣ୍ଡ, ଅଙ୍ଗବଳୀ ଦଣ୍ଡ, ମେରୁଦଣ୍ଡ, ଓ କାଷ୍ଠଦଣ୍ଡ । ଏହି ସମସ୍ତ ଦଣ୍ଡ ବିଧାନ ସମାପନ ପରେ ଶୁଦ୍ଧକ୍ରିୟା ଦଣ୍ଡ ଭୋଗ କରି କୂଳଭୋଜି ଦଣ୍ଡର ଆୟୋଜନ ହୋଇଥାଏ । ଏହା ବ୍ୟତୀତ ଦଣ୍ଡ ଯାତ୍ରାର କିଛି ନୀତି-ନିୟମ ମଧ୍ୟ ରହିଛି -

୧୩ଜଣ ଭୋକ୍ତା ଉଚ୍ଚ-ନୀଚ ଜାତିର ଭେଦଭାବ ରଖିବେ ନାହିଁ, ଜଗତକୁ ସମାନ ଦୃଷ୍ଟିରେ ଦେଖିବେ । ଅନ୍ନ, ଜଳ, ନିଦ୍ରା ଓ କ୍ଷୁଧାକୁ ମନରୁ ପାସୋରି ଦେବେ । ରୁଦ୍ର-କାଳୀଙ୍କ ନାମକୁ ହୃଦୟରେ ଜପ କରିବେ । ଲୋଭ, ମୋହ, ଅହଂକାର, କ୍ରୋଧ, ହିଂସା ଓ କପଟ ଚିନ୍ତା ମନରୁ ଦୂର କରିବେ । ଗୃହସ୍ଥ ଜୀବନଠାରୁ ୧୩ଦିନ ପାଇଁ ଦୂରରେ ରହି ପାପ ଚିନ୍ତା, ମୈଥୁନ ତ୍ୟାଗ କରିବେ । ନିଶା ଏବଂ ମାଦକ ଦ୍ରବ୍ୟ ବର୍ଜନ କରିବେ । ଖାଲି ପାଦରେ ଗମନ କରିବେ । ଏଭଳି ଭାବେ ୧୩ଜଣ ଭୋକ୍ତା ୧୬ଦଣ୍ଡ ଭୋଗ କରି ଅଭିଶାପ ଗ୍ରସ୍ଥ ଜୀବନ ଓ ମାନସିକ ପୂରଣ କରିବେ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି ।

୧୩ ଭୋକ୍ତା- ଦଣ୍ଡଯାତ୍ରାର ଭୋକ୍ତା ପରମ୍ପରା ଅନୁସାରେ, ୧୩ଜଣ ଭୋକ୍ତା ହିଁ ଏହି ଦଣ୍ଡଯାତ୍ରାରେ ଦଣ୍ଡ ବିଧାନ ପାଳନ କରିବାର ପରମ୍ପରା ରହିଛି ।

୧୩ ଭୋକ୍ତାଙ୍କ ମଧ୍ୟରେ - ଦଣ୍ଡ ମନ୍ଦିର ଜଗାଳି, ଦଣ୍ଡ ପ୍ରଭା ଧାରୀ, ଦଣ୍ଡମୁଠିଧାରୀ, ଝୁଣା ହାଣ୍ଡି ଧରାଳି, ନାଗ-ଗୁଆ ଧରାଳି (ମାଳି), ପାଟଦଣ୍ଡୁଆ, ପଡିଦଣ୍ଡୁଆ, ଗୌରୀ ବେତ ଧରାଳି, ଚମ୍ପା-ବର ଧରାଳି, ପାଟ ଢୋଲିଆ, ପିଞ୍ଛମୁଠା ଧରାଳି, ଚମ୍ପା-ଝାଞ୍ଜ ଧରାଳି ଓ ବାନା ଧରାଳି ପମୁଖ ।

ବର୍ତ୍ତମାନ ଶତାଧିକ ବର୍ଷଧରି ଓଡିଆ ପରମ୍ପରାରେ ପାଳିତ ହୋଇ ଆସୁଥିବା ଶିବ ଏବଂ ଶକ୍ତି ଉପାସନାରେ ପ୍ରତୀକ ଦଣ୍ଡଯାତ୍ରାରେ ପରମ୍ପରା କ୍ରମଶଃ ପରିବର୍ତ୍ତନଶୀଳ ହୋଇଛି । ୧୩ଜଣ ଭୋକ୍ତା ପରିବର୍ତ୍ତେ ମାନସିକ ପୁରଣ ପାଇଁ ଶତାଧିକ ଭକ୍ତ ଏଥିରେ ଭୋକ୍ତା ଭାବେ ବ୍ରତ ପାଳନ କରୁଛନ୍ତି । ୧୬ଦଣ୍ଡ ପାଳନ କରନ୍ତି । ଗୈରୀକ ବସ୍ତ୍ର ପରିଧାନ କରି ସଂକଳ୍ପ କରନ୍ତି ଓ ପବିତ ଧାରଣ କରନ୍ତି । ୧୩ ଦିନ ପରିବର୍ତ୍ତେ ଆଜିକାଲି କିଛି ଦଣ୍ଡଯାତ୍ରା ଅନୁଷ୍ଠାନ ୧୮ ଓ ୨୧ ଦିନ ମଧ୍ୟ ପାଳନ କରୁଛନ୍ତି । ଖାଲି ପାଦରେ ଚାଲି ଚାଲି ୧୩ ଗାଁରେ ୧୩ଜଣ ମାନସିକଧାରୀ ଭକ୍ତଙ୍କ ଘର ଆଗରେ ଦଣ୍ଡବିଧାନ ପାଳନ କରନ୍ତି । ମଧ୍ୟାହ୍ନରେ ମାନସିକଧାରୀଙ୍କ ଘର ଆଗରେ ତତଲା ବାଲିରେ ଗଡନ୍ତି । କାଷ୍ଠଦଣ୍ଡ ଧାରଣ କରନ୍ତି । ଦେବତା କାର୍ଯ୍ୟ ତଥା ଠାକୁରଙ୍କ ଦୈନନ୍ଦିନ କାର୍ଯ୍ୟ ଓ ବିଧାନର ପରିକଳ୍ପିତ ମନ୍ଦିର ତୋଳିବା, କୂଅ ଖୋଳିବା, ଠାକୁରଙ୍କ ଜମି ଚାଷ କରିବା, ହଳ କରିବା ଭଳି ପରମ୍ପରା ଗୁଡିକୁ ଧୂଳିଦଣ୍ଡ ମାଧ୍ୟମରେ ପରିବେଷଣ କରାଯାଏ । ବିଶେଷ କରି ଧୂଳିଦଣ୍ଡରେ ମନୋରଞ୍ଜନ କାର୍ଯ୍ୟକ୍ରମ, ଖେଳ, କୌତୁକ ଭଳି କାର୍ଯ୍ୟକ୍ରମ ପରିବେଷଣ ହୋଇଥାଏ । ଅତିକ୍ରାନ୍ତ ମଧ୍ୟାହ୍ନରେ ପୋଖରୀ ତୁଠକୁ ଯାଇ । ଜଳଦଣ୍ଡ ଭୋଗ କରନ୍ତି ଓ ପୂଜାର୍ଚ୍ଚନା କରି ରୁଦ୍ରକାଳୀଙ୍କ ପାଦକ ଗ୍ରହଣ କରନ୍ତି । ସଂଧ୍ୟାରେ ଗ୍ରାମ ପରିକ୍ରମା, ଅଗ୍ନିଦଣ୍ଡ ଓ ଆଳତୀର ଆୟୋଜକ ହୋଇଥାଏ । ରାତ୍ରରେ ଶାକାହାରୀ ଖାଦ୍ୟ ପ୍ରସ୍ତୁତ ହୁଏ ଓ କୌଣସି ପ୍ରକାର ଶବ୍ଦଠାରୁ ଦୂରେଇ ରହି ରୁଦ୍ରକାଳୀଙ୍କୁ ବୋଗ ସମର୍ପଣ ପରେ ଢୋଲ-ମହୁରୀର ଶବ୍ଦ ଭିତରେ ପ୍ରସାଦ ସେବନ ବୋଇଥାଏ । ମଧ୍ୟ ରାତ୍ରରେ ମାନସିକ ଧାରୀଙ୍କ ଘରଆଗରେ ରୁଦ୍ରକାଳୀଙ୍କୁ ଉପବେଶନ କରାଇ ଭୋକ୍ତାମାନେ ରୁଦ୍ର ଏବଂ କାଳୀଙ୍କ ନାମକୁ ଜପ କରି ରାତ୍ରି ଉଜାଗର ରହିବାର ପରମ୍ପରା ରହିଛି । ଭୋକ୍ତାଙ୍କର ଶ୍ରମ ଲାଘବ ଏବଂ ଉଜାଗରକୁ ପ୍ରଶମିତ କରିବା ପାଇଁ ଇନ୍ଦ୍ରଙ୍କର ପୁତ୍ର ଗନ୍ଧର୍ବସେନ ଯିଏକି ଶ୍ୟାପମୁକ୍ତ ପାଇଁ ତୃତୀୟ ଜନ୍ମରେ ଚଢେୟା ହୋଇ ଜନ୍ମ ହୋଇଥାଏ, ସେହି ଚଢେୟା ଦ୍ୱାରା ରାତ୍ରିରେ ମନୋରଞ୍ଜନ କାର୍ଯ୍ୟକ୍ରମ ତଥା ଶିବ ଏବଂ କାଳୀଙ୍କର ମହିମା ଗାନ କରିଥାନ୍ତି । ବିଶେଷ କରି ରାତ୍ରିରେ ମନୋରଞ୍ଜନ ପାଇଁ ବୀଣାକାର ଗୀତ, ଈଶ୍ୱର ବନ୍ଦନା, ପାର୍ବତୀ ବନ୍ଦନା, ଗଣେଶ ବନ୍ଦନା, ଗଙ୍ଗା ସ୍ନାନ ଗୀତ, କାରୁଆ-କାରୁଆଣୀ ଗୀତ, ଚଢେୟା-ଚଢେୟାଣୀ ନାଚ, ଡୁବୁଡୁବା ଗୀତ, ସାପୁଆ-ସାପୁଆଣୀ ଗୀତ ପ୍ରଭୃତ ଆୟୋଜନ ହୋଇଥାଏ ।

ଏବେ କିନ୍ତୁ ଏହି ମନୋରଞ୍ଜନ କାର୍ଯ୍ୟକ୍ରମ ଗୁଡିକ ପରିବର୍ତ୍ତନ ହୋଇ ପ୍ରାୟତଃ ଅଧିକାଂଶ ଦଣ୍ଡଯାତ୍ରା ମାନଙ୍କରେ ଉଚ୍ଚ ଧରଣର ଯାତ୍ରା ନାଟକ ଓ ଉଦ୍ଭଟ ତଥା ଅତ୍ୟାଧୁନିକ ଶୈଳୀରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହେଲାଣି । ଯାହାକି ଦଣ୍ଡଯାତ୍ରାର ମୌଳିକ ପରମ୍ପରା କ୍ରମେ ଲୋପ ପାଇ ଯାତ୍ରା ତଥା ଅପେରା ନାଟକ ଭଳି ମନୋରଞ୍ଜନ କାର୍ଯ୍ୟ ସର୍ବସ୍ୱ ହୋଇଗଲାଣି । ଫଳରେ ଦଣ୍ଡ ପରମ୍ପରାର ମୌଳିକ ନୀତି-ନିୟମ କ୍ଷୁର୍ଣ୍ଣ ହେଉଥିବା ନେଇ ବୟୋଜ୍ୟେଷ୍ଠ ଏବଂ ପୁରାଣ ଶାସ୍ତ୍ରକାରମାନେ ମତ ଦିଅନ୍ତି ।



ବିଶେଷ କରି ଦଣ୍ଡଯାତ୍ରାର ଅନ୍ୟ ଏକ ବିଶେଷତ୍ୱ ତଥା ଆକର୍ଷଣୀୟ ଭକ୍ତ-ଭାବଧାରା ଅନୁଭବ କରିବାକୁ ହୁଏ ଯେ, ଧୂଳିଦଣ୍ଡ ସମୟରେ ରୁଦ୍ର-ଏବଂ କାଳୀଙ୍କୁ ଧ୍ୟାନ କରି ତାଙ୍କର ଅଲୌକିକ ମହିମାକୁ ନାରା ଆକାରରେ ଉଚ୍ଚାରଣ କରନ୍ତି । ତାହାହେଲା-

'କିହୋ ଋଷି ପୁତ୍ରେ,
ପାଇଲକି ବର... ?
ଆସିଗଲେ ହର, ଦେଇଗଲେ ବର...
ଆନ ସେବା ଛାଡ, ଏହି ସେବା କର...
ଏହି ସେବା କଲେ କି ଫଳ ପାଏ...
ଅନ୍ଧ ନେତ୍ର ପାଏ...
ଅପୁତ୍ରିକ ପୁତ୍ର ପାଏ...
ଖଣ୍ଡିଆ କାମ ଧାମ ହୁଏ...
ରୋଗୀ ବ୍ୟାଧିରୁ ମୁକ୍ତି ପାଏ...
ଦରିଦ୍ର କୁବେର ସମ୍ପତ୍ତି ପାଏ...
ଅଜ୍ଞାନୀ ଜ୍ଞାନ ପାଏ...
ଶୁଖିଲା କାଠ କଞ୍ଚା ହୁଏ.........
ଉଷନା ଧାନ ଗଜା ହୁଏ........

ଦଣ୍ଡ ଯାତ୍ରା



ଶ୍ରୀ ଶ୍ରୀ କଳାରୁଦ୍ର ମଣିଙ୍କୁ ଭଜ ହେ...।'

ଏଭଳି ନାରା ଦ୍ୱାରା ଭୋକ୍ତା-ଭକ୍ତ ଏବଂ ମାନସିକଧାରୀଙ୍କ ଭକ୍ତିଭାବ ଦ୍ୱିଗୁଣିତ ହୋଇଯାଏ। ବିଶେଷ କରି ଏହି ବିଶ୍ୱାସ ଓ ନାରା ଦ୍ୱାରା ପ୍ରମାଣିତ ହୋଇଥାଏ ଯେ, ଏକକାଳୀନ ଶିବ ଏବଂ ଶକ୍ତିଙ୍କର ଉପାସନା କଲେ ଅସମ୍ଭବ ସମ୍ଭବ ହୋଇଥାଏ ବୋଲି ମାନସିକତା ସୃଷ୍ଟି ହୋଇଥାଏ।

ଦଣ୍ଡପର୍ବର ଅନ୍ତିମ ପର୍ଯ୍ୟାୟକୁ ମେରୁଯାତ୍ରା କୁହାଯାଏ । ଦଣ୍ଡଘର ଆଗରେ ୧୩ ଭୋକ୍ତା ଦଣ୍ଡ ସମାପନ କରିଥାନ୍ତି । ବିଲ୍ୱକାଷ୍ଠର ଦୁଇଟି ଖୁଣ୍ଟିରେ ଦଣ୍ଡା ବନ୍ଧାଯାଇ ସେଥିରେ ପାଟଦଣ୍ଡୁଆଙ୍କୁ ନିମ୍ନମୁଖୀ କରି ଗୋଡ ଦୁଇଟିକୁ ବାନ୍ଧି ଝୁଲାଇ ଦିଆଯାଏ । ତଳେଥିବା ଅଗ୍ନିକୁଣ୍ଡରେ ଝୁଣା ପ୍ରୟୋଗ କରି ଅଗ୍ନିଝାସ ଦିଆଯାଏ । ଏହିପରି ଭାବରେ ଦଣ୍ଡଯାତ୍ରା ସମାପନ କରି ଭୋକ୍ତାମାନେ ପ୍ରାପ୍ତି ସେବାସହ ମାନସିକଧାରୀଙ୍କ ମାନସିକ ପୂରଣ ହୋଇଥାଏ।

ଶିବ ଏବଂ ଶାକ୍ତ ଉପାସନାର ପ୍ରତୀକ ଏହି ଦଣ୍ଡଯାତ୍ରା ଭାରତ ବର୍ଷର ଗଞ୍ଜାମ ଜିଲ୍ଲାରେ ଏକ ବିଶେଷ ପର୍ବ ଭାବେ ପରିଗଣିତ ହୋଇଥିବା ବେଳେ, ଆନ୍ତର୍ଜାତୀୟ ସ୍ତରରେ ଏହି ଦଣ୍ଡପର୍ବର ମନୋରଞ୍ଜନ ନାଚ



ଚଢେୟା-ଚଢେୟାଣୀ ଓ ଢୋଲିଆ ନାଚ ବେଶ୍ ଆଦୃତ ହୋଇପାରିଛି ।

ଏହି ଦଣ୍ଡଯାତ୍ରାର ମୌଳିକ ପରମ୍ପରା ଯଦି ଓ ଓଡିଆ ପରମ୍ପରାରେ ଆଧ୍ୟାତ୍ମିକ ଚିନ୍ତା ଚେତନା ସୃଷ୍ଟି କରିଛି । ତଥାପି ଏହି ଦଣ୍ଡପର୍ବର ନୀତି-ନିୟମ ଓ ପାଳନ ବିଧି ଭିତରେ ଅନେକ ଅଲୌକିକ ଓ ବିଜ୍ଞାନ ସମ୍ମତ କାରଣ ରହିଥିବା ବିଶେଷଜ୍ଞ ମାନେ ମତ ଦିଅନ୍ତି । ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ, ଏହି ଦଣ୍ଡପର୍ବର ବାର୍ତ୍ତା ଯେ ହିଂସା, ଦ୍ୱେଷ, ଉଚ୍ଚ-ନୀଚ ଭେଦଭାବ, ଛୁଆଁ-ଅଛୁଆଁ ଜାତିଆଣ ମନୋଭାବ ଆଧ୍ୟାତ୍ମିକ ଭାବଧାରା, ନିରାଡମ୍ବର ଜୀବନ ଶୈଳୀ, ସ୍ୱାର୍ଥ ତ୍ୟାଗ ଓ ସମାଜ ପରିବର୍ତ୍ତନ ତଥା ଅପସଂସ୍କୃତି ଠାରୁ ଦୂରେଇ ରହି ଏକ ଆଦର୍ଶ ସମାଜ ଓ ଆଦର୍ଶ ରାଷ୍ଟ୍ର ଗଠନର ବାର୍ତ୍ତା ବହନ କରିଥାଏ, ଏହାକୁ ଅସ୍ୱୀକାର କରିହେବ ନାହିଁ ।

## ମନକୁ ଆସିଲା ଯାହା ୬୨

# ଜେନ୍ ଜେଡ୍: ସମୟର ସ୍ୱର



**ସୌମ୍ୟଶ୍ରୀ ପାଣିଗ୍ରାହୀ**

'ଜେନ୍ ଜେଡ୍' କହିଲେ ଆପଣ କ'ଣ ବୁଝନ୍ତି ? କିଏ କହେ ସେମାନଙ୍କୁ ବିଦ୍ରୋହୀ, କାହା ପାଇଁ ପରିବର୍ତ୍ତନର ବାର୍ତ୍ତାବହ ସେମାନେ, ପୁଣି ଆଉ କିଏ ନବ ପ୍ରଜନ୍ମର ଏଇ ପିଢିକୁ ଅଧିକ ପ୍ରଶ୍ନ କରୁଥିବାରୁ ବିରକ୍ତ ହୁଏ। ମାତ୍ର ସତ କଥା ଏୟା ଯେ, ଏସବୁ ଆଖିକୁ ଭଲ ନଦିଶିଲେ ବି ସତ୍ୟ। ନେପାଳ କି ବାଂଲାଦେଶର ବିଦ୍ରୋହ ହେଉ କିମ୍ବା କେନିଆ, ମାଡାଗାସ୍କାର କି ପେରୁର ଅର୍ଥନୈତିକ ଉତ୍ଥାନ ପତ୍ତନ ହେଉ, ଏଇ ଜେନ୍ ଜେଡ୍ ସବୁଠି ଆଗରେ। ପ୍ରଚଳିତ ବିଧିବ୍ୟବସ୍ଥା ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରି ପରିବର୍ତ୍ତନ ଆଣିବାକୁ ସ୍ୱପ୍ନ ଦେଖୁଥିବା ଯୁବାବର୍ଗ ହିଁ ଆଜି ସମୟର ସ୍ୱର ପାଲଟିଛନ୍ତି। ଯଦିଓ ୧୯୯୬ ରୁ ୨୦୧୦ ମଧ୍ୟରେ ଜନ୍ମିତ ଏବେର ନବଯୌବନ କି ଆଦ୍ୟ କୈଶୋରରେ ପାଦ ଥାପିଥିବା ତାରୁଣ୍ୟର ତୂର୍ଯ୍ୟନାଦକୁ ସମାଜ ବିଜ୍ଞାନୀମାନେ 'ଜେନ୍ ଜେଡ୍' (ଜେନେରେସନ = ପିଢ଼ି) ନାମ ଦେଇଛନ୍ତି। ଆମ କଥାକୁହା ଭାଷାରେ କହିଲେ ଗଜା ଟୋକା/ଭେଣ୍ଡା।

ମୁଣ୍ଡରେ ବୁଦ୍ଧି ଯେମିତି, ଦେହରେ ବଳ ବି ସେମିତି। ସବୁବେଳେ କିଛି ଅଜବ କରିବାର ଝୁଙ୍କରେ ମସଗୁଲ ଏମାନେ। ସାଧାରଣ କଥାର ଖିଅକୁ ବି ଏକ ଅକଳ୍ପନୀୟ ଚିନ୍ତାରେ ପରିଣତ କରିବାର କଳା ଏମାନଙ୍କୁ ଖୁବ ଜଣା। କେମିତି କେଉଁ ବାଟରେ ବଡକାମଟେକୁ ଚଟାପଟ ସାରିହେବ, ଶାରୀରିକ ପରିଶ୍ରମକୁ ଯଥାସମ୍ଭବ କମ୍ କରିହେବ ସେ ଚିନ୍ତାରେ ଏମାନେ ଧୁରନ୍ଧର। ଗୋଟେ ଉଦାହରଣ ଦେଉଛି। ଆମ ଅଫିସରେ 'ଚିନୁ' ନାମରେ ପିଲାଟିଏ କାମ କରେ। ସାଧାରଣ ବୋଲହାକ କରିବା ଠୁଁ କାହାର କଣ ଛୋଟମୋଟ କାମ ବି କରିଦିଏ। ବୟସ ୨୨-୨୫ ଭିତରେ ହେବ। ଅର୍ଥାତ ଜେନ୍ ଜେଡ୍ ଭିତରେ ତାକୁ ଗଣିହେବ। ମୁଁ ସେଦିନ ତାକୁ କହିଲି , 'ଆରେ ଚିନୁ, ୫୦ ପେଜ ସାଦା କାଗଜ ଆଣିଲୁ।' ସେ କିଛି ସମୟ ପରେ ମୋ ହାତରେ ଧରେଇ ଦେଲା କାଗଜ। ମୁଁ ହାତରେ ଧରୁ ଧରୁ ଜାଣିଗଲି, କାଗଜଗୁଡା ହାତକୁ ଗରମ ଲାଗୁଛି ମାନେ ପ୍ରିଣ୍ଟରରୁ ବାହାରିଛି ବୋଧେ। ମୁଁ କିନ୍ତୁ ସାଧା ଧଳା କାଗଜ ମାଗିଥିଲି। ଏଗୁଡିକ ବି ଧଳା ଅଛି ଉଭୟ ପାର୍ଶ୍ୱ। ତା'ହେଲେ ଗରମ ଲାଗୁଛି କାହିଁକି ? ଏଥର ଚିନୁ କହିଲା, '୫୦ ପେଜ କିଏ ଗଣିବ..ମୁଁ ସିଧା ପ୍ରିଣ୍ଟରରେ ୫୦ ପେଜ ପ୍ରିଣ୍ଟ ମାରିଦେଇଥିଲି।' କିଛି ଲେଖା କି ପାଠ ଛାପା ନଥିବାରୁ ପ୍ରିଣ୍ଟର ମେସିନ ଠିକ ୫୦ ପୃଷ୍ଠା ଗଣିଗଣି ଧଳା କାଗଜ ବାହାର କରିଦେଲା। ଏଥର ମୋର ତାଟକା ହେବାର ପାଳି। ଆରେ ସତେତ...ମୁଁ କାହିଁକି ଏମିତି ଭାବିପାରିନଥିଲି...!

ଆପଣ ଭାବି ମଧ୍ୟ ପାରିବେନି ଏବେର ଯୁବାବର୍ଗଙ୍କର ଚିନ୍ତା ଓ ସେମାନଙ୍କ ମୁଣ୍ଡରେ ଖେଳୁଥିବା ବିଚକ୍ଷଣ ବୁଦ୍ଧିକୁ। ମୁଁ ସେଦିନ ମୁମ୍ବାଇର ଜୁହୁ ବିଚ୍ (ସମୁଦ୍ର କୂଳ)ରେ ବୁଲୁଥିବା ବେଳେ ଅଟକିଗଲି ଠାଏ। ପିଲାଟିଏ ବସିଛି ଫ୍ରେମକରା ଫ୍ଲେକ୍ସ ବ୍ୟାନର ଓ ବୋର୍ଡଖଣ୍ଡେ ଧରି। ନିଜ ଫଟୋସହ ଲେଖା ହେଇଛି ୨ଟି ଫୋନ ନମ୍ବର ଏବଂ ଫେସବୁକ/ଇନଷ୍ଟାଗ୍ରାମର ଠିକଣା ଏବଂ ତା'ସହ ନିଜର ବିଜ୍ଞାପନ। ବିଶ୍ୱାସ କରନ୍ତୁ, ଏଇ ବିଜ୍ଞାପନଟି ହିଁ ରୋଚକ। ଲେଖାହେଇଛି ବଡ଼ବଡ଼ ଅକ୍ଷରରେ, 'ମୁଁ ବସିଛି ଏଠି ଦୁଃଖ ଶୁଣିବାକୁ... ଯଦି କିଛି ଦୁଃଖ ଅଛି ଆପଣଙ୍କ ମନରେ, ତେବେ ମୋତେ ଶୁଣେଇ ଦିଅନ୍ତୁ। ବିନ୍ଦାସ ମନଭରି ମୋ ସହ କଥା ହେଇ ନିଜ ଦୁଃଖ ଭୁଲି ଯାଆନ୍ତୁ। ହଁ, ଏଥିପାଇଁ ଆପଣଙ୍କୁ କିଛି ଅର୍ଥଶ୍ରାଦ୍ଧ କରିବାକୁ ପଡିବ। ମାମୁଲି ଛୋଟମୋଟ ଦୁଃଖ ପାଇଁ ୨୫୦ ଟଙ୍କା, ବଡ ଗଭୀର ଦୁଃଖ ପାଇଁ ୫୦୦ ଟଙ୍କା। ପୁଣି ଯଦି ଆପଣଙ୍କ ଦୁଃଖ ସହ ସମବେଦନା ଜଣେଇ ମୋତେ ବି ଆପଣଙ୍କ ସହ କାନ୍ଦିବାକୁ ହେବ, ତେବେ ସେଥିପାଇଁ ୧୦୦୦ ଟଙ୍କା ମାତ୍ର। ଏଣୁ ଡେରୀ କାହିଁକି ? ଆସନ୍ତୁ, ନିଜ ଦୁଃଖ ଶୁଣାନ୍ତୁ, କାନ୍ଦନ୍ତୁ ପୁଣି ମନ ଭରି ଗଲେ ଘରକୁ ଯାଆନ୍ତୁ..!!'

ମୁଁ ପ୍ରାୟ ୧୦ ମିନିଟ ଦେଖିଲି ନିରିଖେଇ। ତା' ଭିତରେ ଝିଅଟିଏ ଆସି କିଛି କଥା ହେଇ ଯାଇସାରିଥାଏ। ଏଥର ମୁଁ, ପୃଥୀରାଜ ବୋରା ନାମକ ସେଇ ପିଲାଟିକୁ ପଚାରିଲି ତ' ସେ କହିଲା, ଏବେ ଯେ ସର୍ଭିସର ଡିମାଣ୍ଡ ଏତେ ବଢି ଯାଇଛି ଯେ, ପ୍ରତିଦିନ ୧୧ଟା ରୁ ୪ଟା ଭିତରେ ସେ ରୋଜଗାର କରୁଛି ପ୍ରାୟ ୫-୬ ହଜାର ଟଙ୍କା। ସନ୍ଧ୍ୟା ଓ ରାତିରେ ସେ ଗରାଖଙ୍କ ଇଚ୍ଛା ମୁତାବକ ଘରକୁ ଯାଇ ମଧ୍ୟ ସେମାନଙ୍କ ଦୁଃଖ ଶୁଣୁଛି। ସେଥିପାଇଁ ଫୋନରେ ଆଗୁଆ ବୁକିଂ କରିବାକୁ ପଡୁଛି। ବାଃ...ବାଃ...ରେ ବୁଦ୍ଧିକୁ ମାନିବାକୁ ପଡିବ। ଶୁଣିଥିଲି ସ୍ୱପ୍ନ ନଗରୀ ମୁମ୍ବାଇରେ ପଇସା ଉଡୁଛି ପବନରେ, ଖାଲି ଧରି ପାରିଲେ ହେଲା। ସେଦିନ ନିଜ ଆଖିରେ ଦେଖିଲି। କିଏ କେମିତି କେଉଁ ବାଟରେ ପଇସା ରୋଜଗାରର ବାଟ ବାହାର କରିଛି।

କିନ୍ତୁ ପୁଣି ଭାବିଲି। ଆମେ ଆସି କେଉଁ ଯୁଗରେ ପହଞ୍ଚିଲୁଣି। ହସିବା, କାନ୍ଦିବା ପରି ସାଧାରଣ ମାନବୀୟ ଅନୁଭୂତି ପାଇଁ ବି ଆମକୁ ସାହାରାଟିଏ ଲୋଡା। ଆଜିର ଚଳଚଞ୍ଚଳ ବ୍ୟସ୍ତବହୁଳ ଜୀବନ ଭିତରେ ଆମେ ଯେତେ ବେଶୀ ଦୌଡିଚାଲିଛୁ, ସେତେବେଶୀ ଚାପଗ୍ରସ୍ତ ହେଉଛୁ। ସମସ୍ତେ ପାଲଟି ଯାଉଛନ୍ତି ଏକାକୀ, ନିସ୍ୱ, ନିସଙ୍ଗ..!! ଏଠି ମାନସିକ ଅବସାଦ ହେଲେ ଦୁଃଖ ବାଣ୍ଟିବା ପାଇଁ କେହିନାହିଁ। ପରିସଂଖ୍ୟାନ କହୁଛି, ଏଇ ଏକୁଟିଆ ପଣରୁ ହିଁ ସୃଷ୍ଟି ହେଉଛି ଆତ୍ମହତ୍ୟା ପ୍ରବଣତା। ଅସଫଳତାକୁ ହଜମ ନକରିପାରିବାର ଡର, ଚାକିରୀରେ ପଛରେ ପଡିଯିବାର ଆଶଙ୍କା, ବାନ୍ଧବୀର ମାନସିକ ଅତ୍ୟାଚାର, ଉପରିସ୍ଥ ଅଧିକାରୀଙ୍କ ଅହେତୁକ ଚାପ ପୁଣି ଅପର୍ଯ୍ୟାପ୍ତ ଅୟସର ସନ୍ଧାନରେ ଆର୍ଥିକ ଅସ୍ଥିରତା, ଜଣକୁ ଦୁଃଖି କରିବା ପାଇଁ କିଛିବି କାରଣ ହୋଇପାରେ। ସେତିକିବେଳେ ଲୋଡା କାନଟିଏ ଦୁଃଖ ଶୁଣିବା ପାଇଁ, କାନ୍ଧଟିଏ ମୁଣ୍ଡ ରଖି କାନ୍ଦିବା ପାଇଁ। ଫଳ ଆପଣଙ୍କ ସାମ୍ନାରେ.. ଦୁଃଖ ଶୁଣିବା ପାଇଁ ବି ବିଜ୍ଞାପନ..!!

ସେଇଥିପାଇଁ ତ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ମାନସିକ ଅବସାଦ ବିରୋଧୀ କାଉନସେଲିଂ ସେବା-ଟେଲି ମାନସ। ପୁଣି ସାମାରିଟାନ/ସାଉଟ/ମାଇଣ୍ଡସ୍କେପ ପରି ସେବା ମଧ୍ୟ ଇଣ୍ଟରନେଟରେ ଉପଲବ୍ଧ। ଏସବୁର ଭାରତୀୟ ସଂସ୍କରଣ ଆଇ-କଲ/ଆଶ୍ରା/ସ୍ପ୍ରିଙ୍ଗ ଆଦି ସେବା ମଧ୍ୟ କିଛି ଅର୍ଥ ବିନିମୟରେ ମିଳିଯିବ। ମୋ ମନରେ ପ୍ରଶ୍ନ, ଆମେମାନେ କଣ ମାନସିକ ସ୍ତରରେ ଏତେ ଦୁର୍ବଳ ଯେ, ଆମକୁ କାନ୍ଦିବା ପାଇଁ ବି ସାହାରାଟିଏ ଲୋଡା। ଆମେ ଆଗରୁ ମନ୍ଦିରରେ ଘଣ୍ଟି ବଜେଇ, ଦୀପଜାଳି କି ନଡିଆ ବାଡ଼େଇ ମାନସିକ କରି ଠାକୁରଙ୍କୁ ଆମ ଦୁଃଖ ଜଣେଇ ଗୁହାରୀ କରୁଥିଲୁ। ଏବେର ଜେନ୍ ଜେଡ୍ କିନ୍ତୁ ଆଉପାଦେ ଆଗରେ। ଦୁଃଖ ଶୁଣେଇବାକୁ ଯେମିତି ଲୋକଙ୍କ ଧାଡି ଲମ୍ବିଛି। ଠିକ ସେମିତି 'ଦୁଃଖ ଶୁଣିବା'କୁ ବି ପେଶା ବନେଇବାକୁ ଅନେକ ଆଗଭର..!!

ଶେଷକଥା ଏୟା ଯେ, ଚାହିଦା ଅଛି ବୋଲି ସିନା, ଏ ଅଜବ ପେଶାକୁ ବି ଆପଣେଇ ନେଉଛନ୍ତି ଅନେକ। କିନ୍ତୁ ଏହା ଆମ ସାମାଜିକ ବ୍ୟବସ୍ଥା ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ? ଆମ ସମୟର ପାରିବାରିକ ବନ୍ଧନର ଶିଥିଳତାକୁ ଦର୍ଶାଉନାହିଁ କି ? ଆଗକାଳର ଯୌଥପରିବାରର ଅବଧାରଣା ଆଜି ଆଉନାହିଁ। କ୍ଷୁଦ୍ରାତିକ୍ଷୁଦ୍ର ପରିବାର ପୁଣି ଗାଁ ଛାଡି ଆଜି ସଭିଏଁ ସହର ମୁହାଁ। ଏକ ଭାବଗତ ସଂପର୍କ ଥିବା, ପରସ୍ପର ସହ ଓତପ୍ରୋତ ଭାବେ ଜଡିତ ଥିବା ଦୃଢ ପାରିବାରିକ ବନ୍ଧନ ଆଜିର ସମୟରେ ବିରଳ। ଏବେର 'ଜେନ ଜେଡ' ହୁଏତ ଏକାକୀ ବଞ୍ଚିବାରେ ବିଶ୍ୱାସ କରୁଥାଇପାରେ। ମାତ୍ର ଏ ଅବସ୍ଥା ଯେ, ଭବିଷ୍ୟତରେ ଆହୁରି ଉତ୍କଟ ସମସ୍ୟା ସୃଷ୍ଟି ନକରିବ କିଏ କହିବ। ଯେମିତି କାନ୍ଦ ଶିଖେଇବା ପାଇଁ କାନ୍ଦ ମାଷ୍ଟ୍ରେ ଥିଲେ, ଏବେ ସେମିତି ଦୁଃଖ ଶୁଣିବାର କଳା ବି ଏକ ଜରୁରୀ ଆବଶ୍ୟକତା। ଭବିଷ୍ୟତରେ ହୁଏତ ଏହି ଦୁଃଖ ଶୁଣିବା ଏକ ପୂର୍ଣ୍ଣକାଳୀନ ଅର୍ଥକରୀ ବୃତ୍ତିରେ ପରିଣତ ହୋଇପାରେ। କିଏ ଜାଣିଛି, ସେ ଦିନ ବି ଆଉ ଦୂର ନାହିଁ। ନାଁ କଣ କହୁଛନ୍ତି...!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ପର୍ଫ୍ୟୁମ୍ ବ୍ୟବହାର କରୁଛନ୍ତି ଯଦି...

**ପର୍ଫ୍ୟୁମ୍‌ର ମନଲୋଭା ବାସ୍ନା ଆପଣଙ୍କ ମୁଡ୍ ବଦଳାଇ ଦିଏ। ତେଣୁ ପାର୍ଟି ହେଉ କି ଅଫିସ୍ ବା ବୁଲାବୁଲି କରିବାକୁ ବାହାରିଲେ ଆପଣ ସୁଗନ୍ଧଯୁକ୍ତ ପର୍ଫ୍ୟୁମ୍ ସ୍ପ୍ରେ କରିବାକୁ ଭୁଲନ୍ତି ନାହିଁ। ଆପଣଙ୍କ ପର୍ଫ୍ୟୁମ୍‌ର ବାସ୍ନା କେବଳ ଆପଣଙ୍କୁ ନୁହେଁ, ଆପଣଙ୍କ ସହିତ ମିଳାମିଶା କରୁଥିବା ଅନ୍ୟମାନଙ୍କୁ ମଧ୍ୟ ଖୁସି କରିଦିଏ। ଯଦି ଆପଣ ଚାହୁଁଛନ୍ତି ପର୍ଫ୍ୟୁମ୍ ସ୍ପ୍ରେ କରି ଅନ୍ୟମାନଙ୍କୁ ପ୍ରଭାବିତ କରିବାକୁ, ତା'ହେଲେ ଏହି ଚାରୋଟି ବିଷୟ ଜାଣନ୍ତୁ।**

### ରଗଡ଼ନ୍ତୁ ନାହିଁ

ଅନେକ ସମୟରେ ଆମେ ପର୍ଫ୍ୟୁମ୍‌କୁ ଆମ ତ୍ୱଚା ଉପରେ ସ୍ପ୍ରେ କରିବା ପରେ ତାହାକୁ ରଗଡ଼ି ଦେଇଥାଉ। ଆମେ ଭାବୁ ଏଭଳି କରିବା ଦ୍ୱାରା ପର୍ଫ୍ୟୁମ୍‌ର ବାସ୍ନା ଅଧିକ ସମୟ ରହିବ। ମାତ୍ର ଏଭଳି କରିବା ଉଚିତ ନୁହେଁ। ଯେତେବେଳେ ଆପଣ ପର୍ଫ୍ୟୁମ୍ ରଗଡ଼ିଥାନ୍ତି, ତାହାର ମଲିକ୍ୟୁଲ୍‌ସ ବା ଯୌଗିକ ବଣ୍ଡ୍ ଭାଙ୍ଗିଯାଏ। ଫଳରେ ସୁଗନ୍ଧ ବିଗିଡ଼ିଯାଏ। ତେଣୁ ପର୍ଫ୍ୟୁମ୍ ସ୍ପ୍ରେ କରିବା ପରେ ତାହାକୁ ରଗଡ଼ନ୍ତୁ ନାହିଁ।

### ଷ୍ଟ୍ରଙ୍ଗ୍ ପର୍ଫ୍ୟୁମ୍ ବ୍ୟବହାର କରୁଛନ୍ତି ?

ଅନେକ ସମୟରେ ଆମର ମନେହୁଏ ଯେ, ଆମେ ବ୍ୟବହାର କରୁଥିବା ପର୍ଫ୍ୟୁମ୍ ଖୁବ୍ ଷ୍ଟ୍ରଙ୍ଗ୍। ତାହାକୁ ସିଧାସଳଖ ସ୍ପ୍ରେ କରିବା ଦ୍ୱାରା ତା'ର କଡ଼ା ବାସ୍ନାକୁ ସହ୍ୟ କରି ନ ପାରିବା ଭଳି ସ୍ଥିତି ଉପୁଜିଥାଏ। ଷ୍ଟ୍ରଙ୍ଗ୍ ପର୍ଫ୍ୟୁମ୍ ଯୋଗୁଁ କିଛି ଲୋକଙ୍କର ମୁଣ୍ଡ ବିନ୍ଧିଥାଏ, ନାକରୁ ପାଣି ବୋହିଥାଏ। ଯଦି ଆପଣଙ୍କ ପର୍ଫ୍ୟୁମ୍ ମଧ୍ୟ ଅଧିକ କଡ଼ା, ତା'ହେଲେ ତାହାକୁ ପବନରେ ସ୍ପ୍ରେ କରନ୍ତୁ। ଚାରିପାଖରେ ସ୍ପ୍ରେ କରି ତା' ଭିତର ଦେଇ ଯାଆନ୍ତୁ। ଏଭଳି କଲେ ଆପଣଙ୍କ ଶରୀରର ସବୁଆଡ଼େ ସମାନ ପରିମାଣରେ ବାସ୍ନା ଲାଗିରହିବ।

### କପଡ଼ା ଉପରେ ସ୍ପ୍ରେ କରନ୍ତୁ ନାହିଁ

ପର୍ଫ୍ୟୁମ୍ ସମ୍ବନ୍ଧିତ ତୃତୀୟ ବିଷୟଟି ହେଉଛି, କେବେହେଲେ ପର୍ଫ୍ୟୁମ୍‌କୁ କପଡ଼ା ଉପରେ ସ୍ପ୍ରେ କରନ୍ତୁ ନାହିଁ, ଯାହା ଅଧିକାଂଶ ଲୋକ କରିଥାନ୍ତି। ଏହା ପର୍ଫ୍ୟୁମ୍ ବ୍ୟବହାର କରିବାର ସମ୍ପୂର୍ଣ୍ଣ ଭୁଲ୍ ତରିକା। ତ୍ୱଚା ଉପରେ ହିଁ ସ୍ପ୍ରେ କରିବା ପାଇଁ ପର୍ଫ୍ୟୁମ୍ ତିଆରି କରାଯାଇଥାଏ। କପଡ଼ା ଉପରେ ସ୍ପ୍ରେ କଲେ ମନମୁତାବକ ପ୍ରଭାବ ମିଳେ ନାହିଁ। ଯଦି ଆପଣ ଚାହୁଁଛନ୍ତି ଯେ, ଆପଣଙ୍କ ଦାମୀ ପର୍ଫ୍ୟୁମ୍ ଆପଣଙ୍କୁ ଉଚିତ ପ୍ରଭାବ ଦେଉ, ତା'ହେଲେ ସିଧା ତ୍ୱଚା ଉପରେ ହିଁ ସ୍ପ୍ରେ କରନ୍ତୁ।

### ତ୍ୱଚା ଅନୁସାରେ ପର୍ଫ୍ୟୁମ୍

ବେଳେବେଳେ ଅନ୍ୟ କେହି ବ୍ୟବହାର କରୁଥିବା ପର୍ଫ୍ୟୁମ୍ ଦ୍ୱାରା ପ୍ରଭାବିତ ହୋଇ ଆମେ ସେହି ପର୍ଫ୍ୟୁମ୍ କିଣିଥାଉ। ତେବେ ବିଶେଷଜ୍ଞଙ୍କ କହିବା କଥା, ପର୍ଫ୍ୟୁମ୍‌ର ବାସ୍ନାକୁ କପି କରାଯିବା ଉଚିତ ନୁହେଁ। କାରଣ ପ୍ରତି ବ୍ୟକ୍ତିଙ୍କର ଶରୀରର ତ୍ୱଚା ଭିନ୍ନ ହୋଇଥାଏ। ତେଣୁ ପ୍ରତ୍ୟେକଙ୍କ ଶରୀରର ବାସ୍ନା ମଧ୍ୟ ଭିନ୍ନ ହୋଇଥାଏ। କାହାର ବେଶୀ ଝାଳ ବହେ ତ କାହାର ଅଳ୍ପ ଝାଳ ବହେ ପୁଣି କାହାରି କାହାରି ଆଦୌ ଝାଳ ନିର୍ଗତ ହୁଏ ନାହିଁ। ତିନି ଅଲଗା ଅଲଗା ପ୍ରକାରର ବ୍ୟକ୍ତିଙ୍କ ଉପରେ ଗୋଟିଏ ପ୍ରକାର ପର୍ଫ୍ୟୁମ୍ କିଭଳି କାମ କରିବ ? ତେଣୁ ପର୍ଫ୍ୟୁମ୍ କିଣିବାବେଳେ ଆପଣଙ୍କ ତ୍ୱଚାର ପ୍ରାକୃତିକ ବାସ୍ନାକୁ ଜାଣନ୍ତୁ ଓ ସେହି ଅନୁସାରେ ପର୍ଫ୍ୟୁମ୍ କିଣନ୍ତୁ। ଉଦାହରଣ ସ୍ୱରୂପ, ଆପଣଙ୍କ ଶରୀରରୁ ଯଦି ଅଧିକ ଝାଳ ବହୁଛି, ତା'ହେଲେ ଆପଣଙ୍କୁ ଷ୍ଟ୍ରଙ୍ଗ୍ ନୋଟ୍‌ସ ପର୍ଫ୍ୟୁମ୍ ଦରକାର।



ରୋଷେଇ ଘରୁ

## ପୋହା ନାସ୍ତା



ଆବଶ୍ୟକ ସାମଗ୍ରୀ-ଏକ କପ୍ ଚୁଡ଼ା, ଅଧା କପ୍ ସୁଜି, ୧/୪କପ୍ ଦହି, କିଛି ଶୁଖିଲା ଓ କଞ୍ଚା ଲଙ୍କା,ଟମାଟୋ-୧ଟା, ରଶୁଣ-୫/୬ କୋଳା, ହଳଦୀ, ଲୁଣ, ଗରମ ମସଲା, ଧଣିଆ ପାଉଡର, ଧଣିଆପତ୍ର, ଭୃଶୁଙ୍ଗା ପତ୍ର।

ପ୍ରସ୍ତୁତି-ପଥମେ ଚୁଡ଼ାକୁ ପାଣିରେ ଭିଜାଇ ଛାଣି ଦିଅନ୍ତୁ। ଅଧା କପ୍ ସୁଜି ସହିତ ଦହି ଓ ଭୃଶୁଙ୍ଗା ପତ୍ର ଦେଇ ଏହାକୁ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହି ମିଶ୍ରଣ ପଦାର୍ଥକୁ ବରା ସାଇଜରେ କରି ଷ୍ଟିମରରେ ୫/୭ ମିନିଟ୍ ଢ଼ାଙ୍କୁଣି ଦେଇ ଛାଡ଼ି ଦିଅନ୍ତୁ। ଏହା ଠିକ୍ ବରା ଭଳି ସିଝିଗଲା ପରେ କାଢ଼ି ଥଣ୍ଡା କରିଦିଅନ୍ତୁ। କଡ଼ାଇରେ ଏକ ଚାମଚ ତେଲ ପକାଇ ଗରମ କରନ୍ତୁ। ୫/୬କୋଳା ରଶୁଣକୁ ଛୋଟ ଛୋଟ ଖଣ୍ଡ କରି କାଟି ଗରମ ତେଲରେ ପକାନ୍ତୁ। ଏହା ସହିତ ପିଆଜ ଗୋଟିଏ ନେଇ କାଟି ଏହା ସହିତ ପକାନ୍ତୁ। ଟମାଟୋ ଛୋଟ ଛୋଟ ପିସ୍ କରି ପକାଇବା ସହିତ ଆବଶ୍ୟକ ଲୁଣ, ହଳଦୀ, ଟିକେ ଗରମ ମସଲା, ଧଣିଆ ପାଉଡର, କଟା ଯାଇଥିବା ଧଣିଆପତ୍ରକୁ ମିଶାଇ ମସଲା କଷି ଦିଅନ୍ତୁ। ପରେ ପ୍ରସ୍ତୁତ ହୋଇଥିବା ବରାକୁ ଏଥିରେ ପକାଇ ଘାଣ୍ଟି ଦିଅନ୍ତୁ। ଢ଼ାଙ୍କୁଣି ୨/୩ ମିନିଟ୍ ପାଇଁ ଘୋଡ଼େଇ ଦିଅନ୍ତୁ। ଏଥର ଜଳଖିଆ ପ୍ରସ୍ତୁତ, ଖାଇବାକୁ ପରଷି ଦିଅନ୍ତୁ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** - ସପ୍ତାହଟି ଆପଣଙ୍କୁ ଧନ ପ୍ରାପ୍ତି ହୋଇପାରିବ। ତୀର୍ଥ ଦର୍ଶନ ଯୋଗ ରହିଛି। ବହୁଦିନର ମାଲିମୋକଦ୍ଦମା ଫଇସଲା ହୋଇଯିବ। କର୍ତ୍ତବ୍ୟ ପଥରେ ଆଗେଇ ଯିବେ। ବ୍ୟବସାୟୀମାନେ ଉଚ୍ଚ ଆଶା ରଖିପାରନ୍ତି।

**ବୃଷ** - ସପ୍ତାହଟି ପରିବାର ପାଇଁ ଅର୍ଥଖର୍ଚ୍ଚ କରିପାରିବେ। ସନ୍ତାନମାନେ ବିଦ୍ୟାଶିକ୍ଷାରେ ଉନ୍ନତି କରିବେ। ସ୍ୱାସ୍ଥ୍ୟର ଅବନତି ଘଟିପାରେ। କର୍ମକ୍ଷେତ୍ରରେ ତଥା ବ୍ୟବସାୟରେ କ୍ଷତିର ଆଶଙ୍କା ରହିବ ନାହିଁ।

**ମିଥୁନ** - ସପ୍ତାହଟି ବ୍ୟବସାୟରେ ଲାଭ ହୋଇପାରେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ମାଲିମୋକଦ୍ଦମାରେ ଜୟଯୁକ୍ତ ହୋଇପାରନ୍ତି। ମହିଳାମାନେ ପ୍ରଶଂସିତ ହେବେ। ଅର୍ଥ ଆସିବା ବାଟ ଖୋଲିଯିବ।

**କର୍କଟ** - ସପ୍ତାହଟି ପାରିବାରିକ ଶାନ୍ତି ମିଳିବ ନାହିଁ। ସ୍ୱାସ୍ଥ୍ୟ ଭଲ ରହିବ ହେଲେ ଗୃହରେ ଝମେଲା ଲାଗିରହିବ। ବ୍ୟବସାୟରେ ବନ୍ଧୁତ୍ୱ ଦ୍ୱାରା ଲାଭବାନ ହେବେ। କୃଷିକାର୍ଯ୍ୟରେ ଅବନିତ ଘଟିବ। ମହିଳାମାନେ ଆନନ୍ଦରେ ସମୟ କାଟିବେ।

**ସିଂହ** - ସପ୍ତାହଟି ଗୃହରେ ବିବାଦ ଲାଗି ରହିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ଅସୁବିଧାରେ ପକାଇ ପାରନ୍ତି। ବ୍ୟବସାୟରେ କ୍ଷତି ଘଟିପାରେ ଓ ଚାକିରି ସମସ୍ୟା ଦୂର ହୋଇପାରେ। ମହିଳାମାନେ ନିନ୍ଦିତ ହେବେ।

**କନ୍ୟା** - ସପ୍ତାହଟି ବିଦେଶଯାତ୍ରାର ଯୋଗ ରହିଛି। ଅଯଥା ଶତ୍ରୁ ଭୟ ଦେଖା ଦେବ। ସାବଧାନରେ ଚଳନ୍ତୁ। କର୍ମକ୍ଷେତ୍ରରେ ଅପମାନିତ ହୋଇପାରନ୍ତି। ବ୍ୟବସାୟରେ ଲାଭର ଆଶା କମ୍ ରହିବ। ଦୁଃଖିତ ହୋଇପାରନ୍ତି।

**ତୁଳା** - ସପ୍ତାହଟି କର୍ମକ୍ଷେତ୍ରରେ ଶତ୍ରୁତା ଓ ବ୍ୟବସାୟରେ କ୍ଷତିର ଆଶଙ୍କା ରହିବ। ଦେହ ଅସୁସ୍ଥ ହୋଇପାରେ। ନୀଚ ବ୍ୟକ୍ତିଙ୍କ ସହିତ ମନାନ୍ତର ଘଟିପାରେ। ଦୂରଜାଗାକୁ ବୁଲି ଯାଇପାରନ୍ତି। ଅର୍ଥର ଅଭାବ ଦେଖାଦେବ।

**ବିଛା** - ସପ୍ତାହଟି ବ୍ୟବସାୟରେ ଉନ୍ନତି ଘଟିପାରେ। ସ୍ୱାସ୍ଥ୍ୟ ଭଲ ରହିବ। ପରିବାରରେ ଶାନ୍ତି ମିଳିବ। କର୍ମକ୍ଷେତ୍ରରେ ସନ୍ତୁଷ୍ଟ ହେବେ। ମହିଳାମାନେ ଦେବ କାର୍ଯ୍ୟରେ ସମୟ କାଟିବେ। ବିଦ୍ୟାର୍ଥୀମାନେ ପାଠପଢ଼ାରେ ମନ ନିବେଶ କରିବେ।

**ଧନୁ** - ସପ୍ତାହଟି ବହୁତ ଅର୍ଥ ଲାଭର ଆଶା ଅଛି। ପାରିବାରିକ ଗଣ୍ଡଗୋଳ ଦେଖା ଦେଇପାରେ। ବନ୍ଧୁମାନେ ସାହାଯ୍ୟ କରିବେ। ସ୍ୱାସ୍ଥ୍ୟ ସାମାନ୍ୟ ଖରାପ ରହିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ସାହାଯ୍ୟ କରିବେ।

**ମକର** - ସପ୍ତାହଟି କୃଷି କ୍ଷେତ୍ରରେ ଯଥେଷ୍ଟ ଲାଭବାନ ହେବେ। ଦେହ ଅସୁସ୍ଥ ରହିବ। ପରିବାରରେ ଅଶାନ୍ତି ଦେଖାଦେବ। କର୍ମକ୍ଷେତ୍ର ତଥା ବ୍ୟବସାୟରେ ସମସ୍ୟା ଦେଖାଦେଇ ପାରେ। ବିଦ୍ୟାର୍ଥୀମାନେ ଅପମାନିତ ହୋଇ ପାରନ୍ତି।


**କୁମ୍ଭ** - ସପ୍ତାହଟି ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ବ୍ୟବସାୟରେ କ୍ଷତିର ଆଶଙ୍କା ରହିଅଛି। କର୍ମକ୍ଷେତ୍ରରେ ସ୍ଥାନାନ୍ତରିତ ହୋଇପାରନ୍ତି। ମହିଳାମାନେ ଗୃହକାର୍ଯ୍ୟରେ ଲାଗି ରହିବେ। ଅନ୍ୟକୁ ସାହାଯ୍ୟ କରିପାରନ୍ତି।

**ମୀନ** - ସପ୍ତାହଟି ଧର୍ମକାର୍ଯ୍ୟରେ ଆଗ୍ରହ ବଢ଼ିବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ବ୍ୟବସାୟରେ ବନ୍ଧୁଙ୍କ ଦ୍ୱାରା ଲାଭବାନ ହେବେ। ଶାରୀରିକ ସୁସ୍ଥତା ଦେଖାଦେବ। ପାରିବାରରେ ଶାନ୍ତି ମିଳିବ।

ପ୍ରକୃତି ଓ ପର୍ଯ୍ୟଟନ

# ଉତ୍ତରାଖଣ୍ଡର ପ୍ରମୁଖ ପର୍ଯ୍ୟଟନ ସ୍ଥଳ












ହିମାଳୟର ପାଦଦେଶରେ ଅବସ୍ଥିତ ଦେଶର ସୁନ୍ଦର ରାଜ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ 'ଦେବଭୂମି' ଉତ୍ତରାଖଣ୍ଡ ଯାହା ନିଜର ଅଦ୍ଭୁତ ଭୂଭାଗର ଦୃଶ୍ୟ, ଆଧ୍ୟାତ୍ମିକ ସ୍ଥାନ ଓ ଆଡ୍‌ଭେଞ୍ଚର ଗତିବିଧିଗୁଡ଼ିକ ପାଇଁ ପ୍ରସିଦ୍ଧ। ଉତ୍ତରାଖଣ୍ଡ ନିଜର ସଂସ୍କୃତି, ସଭ୍ୟତା ଓ ପାହାଡ଼ଗୁଡ଼ିକ କାରଣରୁ ପର୍ଯ୍ୟଟନ ପାଇଁ ଏକ ପସନ୍ଦଯୋଗ୍ୟ ସ୍ଥାନ ହୋଇପାରେ। ଉତ୍ତର ଭାରତର ଏହି ଭୂଭାଗଟି ବିଶାଳ, ଶାନ୍ତ ନଦୀ, ଉଚ୍ଚ ଉଚ୍ଚ ପାହାଡ଼ ଓ ଦିବ୍ୟ ସ୍ଥଳରେ ପରିପୂର୍ଣ୍ଣ। ସାହସିକ ପର୍ଯ୍ୟଟନ, ପ୍ରକୃତି ଓ ଆଧ୍ୟାତ୍ମିକତା ପାଇଁ ଏକ ଆଦର୍ଶ ସ୍ଥାନ ଉତ୍ତରାଖଣ୍ଡ। ଧାର୍ମିକ ଓ ତୀର୍ଥ ସ୍ଥଳଗୁଡ଼ିକ ବ୍ୟତୀତ ଅନ୍ୟ କେତେକ ଦର୍ଶନୀୟ ସ୍ଥାନ ରହିଛି ସେଠାରେ ଯେଉଁଗୁଡ଼ିକ ବରଫ ଦ୍ୱାରା ଘୋଡ଼େଇ ହୋଇ ରହିଥିବା ପାହାଡ଼ ପାଇଁ ବେଶ୍ ପ୍ରସିଦ୍ଧ ଦେଶ-ବିଦେଶରେ। କ୍ୟାମ୍ପିଂ, ଟ୍ରେକିଂ, ହ୍ୱାଇଟ୍ ୱାଟର ରାଫ୍ଟିଙ୍ଗ୍ ଓ ସ୍କିଇଂ ପରି ଆଉଟଡୋର୍ ଓ ସାହସିକ ଗତିବିଧିର ସୌଖୀନ ପର୍ଯ୍ୟଟକଙ୍କୁ ଏହି ରାଜ୍ୟ ଶାନ୍‌ଦାର ପ୍ରାକୃତିକ ଦୃଶ୍ୟ ମଧ୍ୟରେ ଭରପୂର ରୋମାଞ୍ଚ ପ୍ରଦାନ କରିଥାଏ। ତେବେ ଆଜି ଜାଣିବା ଉତ୍ତରାଖଣ୍ଡର କେତେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ବିଷୟରେ।



**ରିଷିକେଶ-**ବିଶ୍ୱର ଯୋଗ ରାଜଧାନୀ ଭାବରେ ରିଷିକେଶକୁ ମାନ୍ୟତା ମିଳିଛି। ଏହା ଏକ ଆଧ୍ୟାତ୍ମିକ କେନ୍ଦ୍ର ଯେଉଁଠିକୁ ଲୋକମାନେ ଯୋଗ ଓ ଧ୍ୟାନ ପାଇଁ ଯାଇଥାନ୍ତି। ଏହା ରିଭର ରାଫ୍ଟିଙ୍ଗ୍ ପାଇଁ ମଧ୍ୟ ପ୍ରସିଦ୍ଧ। ରିଷିକେଶର ପ୍ରମୁଖ ଆକର୍ଷଣ ମଧ୍ୟରେ ରହିଛି ଲକ୍ଷ୍ମଣ ଝୁଲା, ତ୍ରିବେଣୀ ଘାଟ ଓ ବିଟଲ୍ସ ଆଶ୍ରମ। ପ୍ରସିଦ୍ଧ ରିଷିକେଶ ଆଶ୍ରମ, ଯୋଗ କେନ୍ଦ୍ର ଓ ଧ୍ୟାନ କେନ୍ଦ୍ରଗୁଡ଼ିକ କାରଣରୁ ପୂରା ବିଶ୍ୱର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ, ସେମାନଙ୍କ ବ୍ୟସ୍ତ ଜୀବନଶୈଳୀରୁ କିଛି ସମୟ ପାଇଁ ସେମାନଙ୍କୁ ମୁକ୍ତି ଦେଇଥାଏ। ଅନେକ ପର୍ଯ୍ୟଟକ ସନ୍ଧ୍ୟା ସମୟର ଗଙ୍ଗା ଆରତି ସମୟରେ ଶାନ୍ତି ଅନୁଭବ ପାଇଥାନ୍ତି। ରିଷିକେଶ କେବଳ ଆଧ୍ୟାତ୍ମିକ ଶାନ୍ତିର ସ୍ଥାନ ନୁହେଁ, ସାହସୀ ଲୋକମାନଙ୍କ ପାଇଁ ବଂଜି ଜମ୍ପିଂ ଓ ଗଙ୍ଗା ନଦୀରେ ରାଫ୍ଟିଂ ପରି ରୋମାଞ୍ଚକ ଜଳକ୍ରୀଡ଼ାର ଏକ ସ୍ଥାନ। ସେଠାରେ ଥିବା ଲକ୍ଷ୍ମଣ ଝୁଲା ଓ ରାମ ଝୁଲା ଦୁଇଟି ପ୍ରସିଦ୍ଧ ପୋଲ ଯେଉଁଗୁଡ଼ିକ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି।

**ହରିଦ୍ୱାର-**ଦେଶର ଏକ ପବିତ୍ର ସହର ହରିଦ୍ୱାର ଯେଉଁ ସ୍ଥାନଟିକୁ ପୂରା ଦୁନିଆର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ଅତି ଶ୍ରଦ୍ଧାର ସହିତ ଦେଖନ୍ତି। ପବିତ୍ର ଗଙ୍ଗା ନଦୀ କୂଳରେ ସ୍ଥିତ ଏହି ସହରଟି ପ୍ରଚୀନ ସହରଗୁଡ଼ିକ ମଧ୍ୟରୁ ଅନ୍ୟତମ ଓ ଅସଂଖ୍ୟ ଘାଟ ପାଇଁ ପ୍ରସିଦ୍ଧ ଯେଉଁଠିକୁ ଲୋକମାନେ ସ୍ନାନ ଓ ପ୍ରାର୍ଥନା ପାଇଁ ଯାଆନ୍ତି। ଅନ୍ୟ ଦେଶର ଯାତ୍ରୀଙ୍କ ପାଇଁ ହରିଦ୍ୱାର ଭାରତର ଆଧ୍ୟାତ୍ମିକ ସାରକୁ ଦେଖିବା ପାଇଁ ଏକ ଉତ୍କୃଷ୍ଟ ଅବସର ପ୍ରଦାନ କରିଥାଏ। ବିଶେଷ କରି ହର କି ପୌଡ଼ିରେ ଗଙ୍ଗା ଆରତି ସମୟରେ ରାତିରେ ମନମୋହକ ପ୍ରଦର୍ଶନ ହୋଇଥାଏ। ବିଶେଷ କରି ମନସା ଦେବୀ ଓ ଚଣ୍ଡୀ ଦେବୀ ମନ୍ଦିରରୁ ହିନ୍ଦୁ ଧର୍ମର ଧାର୍ମିକ ପ୍ରଥା ଓ ସମୃଦ୍ଧ ପୌରାଣିକ କଥାଗୁଡ଼ିକର ବିସ୍ତୃତ ତଥ୍ୟ ମିଳିଥାଏ।



**ଭାରତୀୟ ସେନା ଏକାଡେମୀ-**ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନ୍‌ରେ ସ୍ଥିତ ଭାରତୀୟ ସୈନ୍ୟ ଏକାଡେମୀ (ଆଇଏମ୍‌ଏ), ଭାରତୀୟ ସେନା ଅଧିକାରୀଙ୍କୁ ପ୍ରଶିକ୍ଷିତ କରୁଥିବା ଏକ ପ୍ରମୁଖ କେନ୍ଦ୍ର ଯେଉଁଟିକୁ ଫିଲ୍ଡ ମାର୍ଶାଲ୍ ଫିଲିପ୍ ଚେଟ୍‌ଉଡ୍‌ଙ୍କ ଅଧ୍ୟକ୍ଷତାରେ ୧ ଅକ୍ଟୋବର, ୧୯୩୨ରେ ସ୍ଥାପନା କରାଯାଇଥିଲା। ଡୁନ୍ ଘାଟିରେ ୧୩୮ ଏକର ଜମିରେ ଏହି ଏକଡେମୀ ରହିଛି ଓ ଦେଶର ସବୁଠାରୁ ପ୍ରତିଷ୍ଠିତ ସୈନ୍ୟ ସଂସ୍ଥା ମଧ୍ୟରୁ ଅନ୍ୟତମ। ବର୍ତ୍ତମାନ ସମୟରେ ଏହା 'ଜେଣ୍ଟଲ୍‌ମ୍ୟାନ କ୍ୟାଡେଟ୍ସ'କୁ ଉଚ୍ଚସ୍ତରୀୟ ସୈନ୍ୟ ପ୍ରଶିକ୍ଷଣ (ଶାରୀରିକ, ମାନସିକ, ରଣନୀତିକ ଓ ଟେକ୍‌ନିକି) ପ୍ରଦାନ କରୁଛି।

**ଫରେଷ୍ଟ ରିସର୍ଚ୍ଚ ଇଷ୍ଟିଚ୍ୟୁଟ୍-** ଡେରାଡୁନ୍ ଠାରେ ସ୍ଥିତ ଫରେଷ୍ଟ ରିସର୍ଚ୍ଚ ଇଷ୍ଟିଚ୍ୟୁଟ୍ ଦେଶର ଏକ ପ୍ରମୁଖ ଅନୁସନ୍ଧାନ ସଂସ୍ଥା। ୧୯୦୬ରେ ସ୍ଥାପିତ ହୋଇଥିବା ଏହି ସଂସ୍ଥାଟି ୪୫୦ ହେକ୍ଟର ଜମିରେ ବ୍ୟାପ୍ତ ଯାହାକୁ ୧୯୯୧ରେ ଡିମ୍‌ଡ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ଆଇସିଏଫ୍‌ଆର୍‌ଇ ଅନ୍ତର୍ଗତ କାମ କରୁଥିବା ଏହି ସଂସ୍ଥାଟି ଗ୍ରୀକୋ-ରୋମାନ୍ ଶୈଳୀରେ ନିର୍ମିତ ହୋଇଛି ଯେଉଁଠାରେ ଭାନିକୀ ସଂଗ୍ରହାଳୟ ଓ ଉଚ୍ଚ ଧରଣର ରିସର୍ଚ୍ଚ ସୁବିଧା ରହିଛି। ଫିଲ୍ମର ସୁଟିଂ ପାଇଁ ଏହା ଏକ ପ୍ରସିଦ୍ଧ ସ୍ଥାନ।

**ଟେହରୀ ଡ୍ୟାମ୍-**ଉତ୍ତରାଖଣ୍ଡର ଗଢ଼ୱାଲ୍ ଜିଲ୍ଲାରେ ସ୍ଥିତ ଟେହେରୀ ଡ୍ୟାମ୍ କେବଳ ଦେଶରେ ନୁହେଁ, ପୂରା ବିଶ୍ୱରେ ପ୍ରସିଦ୍ଧ। ତେଣୁ ଏଥର ଉତ୍ତରାଖଣ୍ଡର ଏହି ସ୍ଥାନଟିକୁ ନିଜର ଡେଷ୍ଟିନେସନ୍ ବନାନ୍ତୁ। ଦୁଇଟି ନଦୀ ଭାଗିରଥୀ ଓ ଭିଲଙ୍ଗନାର ସଙ୍ଗମ ସ୍ଥଳରେ ଏହି ବିଶ୍ୱ ପ୍ରସିଦ୍ଧ ଡ୍ୟାମ୍‌ଟିର ନିର୍ମାଣ କରାଯାଇଛି। ଏହାକୁ ସୁମନ ସାଗର (ଶ୍ରୀଦେବ ସୁମନଙ୍କ ନାମରେ) ଓ ରାମତୀର୍ଥ ସାଗର ବନ୍ଧ (ସନ୍ଥ ସ୍ୱାମୀ ରାମତୀର୍ଥ) ନାମରେ ମଧ୍ୟ ସମସ୍ତେ ଜାଣନ୍ତି। ୧୯୭୮ରେ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ଟିହରୀ ହାଇଡ୍ରୋ ଡେଭଲପ୍‌ମେଣ୍ଟ କର୍ପୋରେସନ୍ ଦ୍ୱାରା ଆରମ୍ଭ ହୋଇ ୨୦୦୬ରେ ଏହାକୁ ଚାଲୁ କରାଯାଇଥିଲା। ଦେଶର ଏହି ସବୁଠାରୁ ବଡ଼ ବନ୍ଧଟିର ସୌନ୍ଦର୍ଯ୍ୟ ଦେଖିବାଯୋଗ୍ୟ। ଏଥିରେ ଏକ ପ୍ରାକୃତିକ ହ୍ରଦର ନିର୍ମାଣ ହୋଇଛି ଯାହାକୁ ଟେହେରୀ ହ୍ରଦ ବୋଲି କୁହାଯାଏ। ସେଠାରେ ରାଫ୍ଟିଂ, ଟ୍ରେକିଂ, ରକ୍ କ୍ଲାଇମ୍ବିଂର ମଜା ଉଠେଇ ପାରିବେ। ତେବେ ଟେହେରୀ ଯାଇ ଆପଣ ଫ୍ଲୋଟିଂ ହାଉସ୍‌ର ମଜା ଉଠାନ୍ତୁ। ପାହାଡ଼ ଦ୍ୱାରା ପରିବେଷ୍ଟିତ ଏହି ଫ୍ଲୋଟିଂ ହାଉସ୍‌ରେ ରହିବାର ଅନୁଭବ ଅଲଗା ଥାଏ। ପ୍ରକୃତିପ୍ରେମୀ ଓ ଫଟୋଗ୍ରାଫି ଲଭର୍ସଙ୍କ ପାଇଁ ଟେହେରୀ ଡ୍ୟାମ୍ ଏକ ଶାନ୍‌ଦାର ସ୍ଥାନ। ଏସିଆର ସବୁଠାରୁ ବଡ଼ ଓ ଉଚ୍ଚ ଏହି ବନ୍ଧର ସୌନ୍ଦର୍ଯ୍ୟ ହେଉଛି ଏହାର ଆଖପାଖର ଉଚ୍ଚ ଉଚ୍ଚ ପାହାଡ଼। ୧୦୦୦ ମେଗାୱାଟ୍ ଜଳବିଦ୍ୟୁତ୍ ଉତ୍ପାଦନର କ୍ଷମତା ଏହି ଡ୍ୟାମ୍‌ର ରହିଛି। ଡ୍ୟାମ୍ ପଛରେ ଥିବା ହ୍ରଦଟି ପାଖାପାଖି ୪୫ କି.ମି ଲମ୍ବା ହେବ ଯାହା ୱାଟର ସ୍ପୋର୍ଟସ୍ ପାଇଁ ବେଶ୍ ଜଣାଶୁଣା।

**କିପରି ଯିବେ-**ଉତ୍ତରାଖଣ୍ଡ ପହଞ୍ଚିବା ପାଇଁ ରେଳ ଓ ସଡ଼କ ପଥ ରହିଛି। ଡେରାଡୁନ୍, ହରିଦ୍ୱାର ଓ କାଠଗୋଦାମ ଏହାର ପ୍ରମୁଖ ରେଳ ଷ୍ଟେସନ୍। ଆକାଶ ମାର୍ଗରେ ଯିବା ପାଇଁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ଡେରାଡୁନ୍ କିମ୍ବା ପନ୍ତନଗର ବିମାନ ବନ୍ଦର ରହିଛି। ତେବେ ମାର୍ଚ୍ଚରୁ ଜନ୍ ମାସର ସମୟ ଉତ୍ତରାଖଣ୍ଡ ଭ୍ରମଣ ପାଇଁ ଉପଯୁକ୍ତ ସମୟ।

ମନୋରଞ୍ଜନ

# କମେଡିରେ ଭରପୂର ଭୂତ୍ ବଙ୍ଗଳା



ଅକ୍ଷୟ କୁମାରଙ୍କ ଫିଲ୍ମ ଭୂତ୍ ବଙ୍ଗଳା ଏପ୍ରିଲ ପ୍ରଥମରୁ ରିଲିଜ୍ ହେବା କଥା ଜଣାଯାଇଛି । ଧୁରନ୍ଧର-୨ ରିଲିଜ୍ ହୋଇଥିବାରୁ ଏହି ଫିଲ୍ମର ରିଲିଜ୍ ତାରିଖ ଘୁଞ୍ଚାଇ ଦିଆଯିବା କୁହାଯାଇଛି । ୨୦୦୭ରେ ନିର୍ମାଣ କରାଯାଇଥିବା ଭୋଲ୍ ଭୁଲାଇୟା ଫିଲ୍ମର ୧୯ ବର୍ଷ ପରେ ଭୂତ୍ ବଙ୍ଗଳା ପ୍ରିୟଦର୍ଶନଙ୍କ ହିନ୍ଦୀ ହର୍‌ର ଓ କମେଡିକୁ ନେଇ ଆଉ ଏକ ମଜାଦାର ଫିଲ୍ମ ଦର୍ଶକଙ୍କ ପାଇଁ ଭେଟି ଦେଇଛନ୍ତି । ପ୍ରଯୋଜନା ସଂସ୍ଥା ସ୍ପଷ୍ଟ କରିଛନ୍ତି, ଭୂତ୍ ବଙ୍ଗଳା ଏପ୍ରିଲରେ ରିଲିଜ ହେବା ନିଶ୍ଚିତ । ଫିଲ୍ମ ରିଲିଜକୁ ଆଖି ଆଗରେ ରଖି ପ୍ରଥମେ ଟିଜର ରିଲିଜ୍ ହୋଇଛି । ଏହି ଚଳଚ୍ଚିତ୍ରରେ ପରେଶ ରାୱଲ, ତବୁ, ୱାମିକା ଗାବି, ଏବଂ ରାଜପାଲ ଯାଦବ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ଅକ୍ଷୟ କୁମାର, ଏକତା କପୁର ଏବଂ ଶୋଭା କପୁରଙ୍କ ଦ୍ୱାରା ମିଳିତ ଭାବେ ନିର୍ମାଣ କରାଯାଇଛି ।



# ଥାଲାପତିଙ୍କୁ ଝଟକା



ସାଉଥ୍ ସୁପରଷ୍ଟାର ଥାଲାପତି ବିଜୟଙ୍କ ଫିଲ୍ମ 'ଜନ ନାୟଗନ' ବିଭିନ୍ନ କାରଣରୁ ରିଲିଜ୍ ହୋଇପାରିନାହିଁ । ଏହି ବିବାଦ ଡିସେମ୍ବର ୨୦୨୫ ରୁ ଆରମ୍ଭ ହୋଇଥିଲା, ଯେତେବେଳେ ଫିଲ୍ମଟି ପ୍ରଥମେ ସ୍କ୍ରିନ କରାଯାଇଥିଲା ଏବଂ କଟକଣା ପାଇଁ ସୁପାରିଶ କରାଯାଇଥିଲା । ମମିଥା ବାଇଜୁ, ବବି ଦେଓଲ, ପ୍ରକାଶ ରାଜ ଏବଂ ପୂଜା ହେଗଡେଙ୍କ ଭଳି କଳାକାର ଥିବା ଏହି ଫିଲ୍ମ ପାଇଁ ସେନ୍ସର ସମସ୍ୟା ରହିଛି । ଥାଲାପତି ବିଜୟଙ୍କ ଫିଲ୍ମ 'ଜନ ନାୟଗନ' ଚଳିତ ବର୍ଷ ଜାନୁଆରୀରେ ମୁକ୍ତିଲାଭ କରିବାର ଥିଲା, କିନ୍ତୁ ସେନ୍ସର ସାର୍ଟିଫିକେଟ୍ ଅଭାବରୁ ଚଳଚ୍ଚିତ୍ରର ମୁକ୍ତିଲାଭ ସ୍ଥଗିତ ରଖାଯାଇଥିଲା । ଏହା ବ୍ୟତୀତ ନିର୍ମାତାଙ୍କୁ ଏକ ବଡ଼ ଝଟକା ଲାଗିଛି । ଆମାଜନ ପ୍ରାଇମ୍ 'ଜନ ନାୟଗନ' ସହିତ ଚୁକ୍ତି ବାତିଲ କରିଛି । ଏଚ୍. ବିନୋଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଡିଜିଟାଲ୍ ମାର୍କେଟିଂ ପାଇଁ ଆମାଜନ ପ୍ରାଇମ୍ ଭିଡିଓ ଏବଂ ଫିଲ୍ମର ପ୍ରଯୋଜକଙ୍କ ମଧ୍ୟରେ ପ୍ରାୟ ୧୧୦ କୋଟି ମୂଲ୍ୟର ଏକ ବଡ଼ ଚୁକ୍ତି ହୋଇଥିଲା । ଅହେତୁକ ବିଳମ୍ବ କାରଣରୁ ଆମାଜନ ପ୍ରାଇମ୍ ଏହି ଚୁକ୍ତିନାମାରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛି । 'ଜନ ନାୟଗନ' ଫିଲ୍ମ ବିଜୟଙ୍କ କ୍ୟାରିଅରର ସବୁଠାରୁ ଭଲ ଫିଲ୍ମ ବୋଲି କୁହାଯାଇପାରେ । ଅଭିନେତାରୁ ଲୋକପ୍ରିୟତା ଅର୍ଜନ କରିଥିବା ଥାଲାପତି ରାଜନୀତିରେ ପ୍ରବେଶ କରିବା ପରେ ଭଲ ଫିଲ୍ମ ବୋଲି ଦର୍ଶକ ଦାବୀ କରୁଛନ୍ତି ।




# ନାରୀ ସଂଘର୍ଷର ଅପୂର୍ବ କାହାଣୀ 'ଦୁର୍ଗା'


ଓଡ଼ିଶାର ଘରେ ଘରେ ପରିଚିତ ତଥା ଅଗ୍ରଣୀ ମନୋରଞ୍ଜନ ଚ୍ୟାନେଲ୍ ଜୀ-ସାର୍ଥକ ପକ୍ଷରୁ ଦର୍ଶକଙ୍କ ପାଇଁ ଏକ ଚମତ୍କାର ଭେଟି । ଆଜି ବଳିଷ୍ଠ ସାମାଜିକ ତଥା କୋର୍ଟରୁମ୍ ଡ୍ରାମା ଉପରେ ଆଧାରିତ ଚଳଚ୍ଚିତ୍ର 'ଦୁର୍ଗା'ର ମହା ଡବଲ୍ ପ୍ରିମିୟର୍ ହେବାକୁ ଯାଉଛି । ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏହି ଚଳଚ୍ଚିତ୍ରଟି ଗୋଟିଏ ଦିନରେ ଡବଲ୍ ପ୍ରିମିୟର୍ ଅର୍ଥାତ, ଦିନ ୨ଟାରେ ଏବଂ ପୁଣିଥରେ ସନ୍ଧ୍ୟା ୬: ୩୦ରେ ପ୍ରସାରିତ ହେବ । 'ଦୁର୍ଗା' ହେଉଛି ଏକ ଗାଉଁଲି ଝିଅର ସଂଘର୍ଷମୟ ଜୀବନ କାହାଣୀ, ଯିଏ ପରିସ୍ଥିତିରେ ପଡି ସହରର ଏକ ପ୍ରଭାବଶାଳୀ ବ୍ୟକ୍ତି ସହ ବିବାହ କରିଛି । ହେଲେ ବିବାହ ପରେ ତ ଜୀବନରେ ଘୋଟିଆସେ ଏକ କଳା ବାଦଲ, ନିଜ ସନ୍ତାନକୁ ହତ୍ୟା କରିବାର ମିଥ୍ୟା ଆରୋପରେ ସେ ଆଜୀବନ କାରାଦଣ୍ଡ ଭୋଗୁଥିବା ବେଳେ ନ୍ୟାୟ ପାଇଁ ଆରମ୍ଭ ହୁଏ ଏକ ଅଦ୍ଭୁତ ଲଢ଼େଇ । ଏଥିରେ ନେଗେଟିଭ୍ ଚରିତ୍ର 'ରାଣା' ଭୂମିକାରେ ରାଜ୍ ରାଜେଶ, ସଙ୍ଗୀତଜ୍ଞ 'ଶଙ୍କର' ଭୂମିକାରେ ଅଭିଷେକ ଗିରି ଏବଂ ଦୁର୍ଗାକୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡିଥିବା ସାହସୀ ଓକିଲ 'ଅର୍ଚ୍ଚନା' ଭୂମିକାରେ ପ୍ରସିଦ୍ଧ ଅଭିନେତ୍ରୀ ଇଶା ତଲୱାର ନିଜର ଦମଦାର ଅଭିନୟ ପ୍ରଦର୍ଶନ କରିଛନ୍ତି ।



# ସଲମାନ୍‌ଙ୍କ ଫିଲ୍ମର ନାଁ ବଦଳିଲା



ବଦଳିଲା ସଲମାନ୍ ଖାନ୍‌ଙ୍କ ଆଗାମୀ ଫିଲ୍ମର ନାଁ । ଫିଲ୍ମ 'ବ୍ୟାଟଲ ଅଫ୍ ଗଲୱାନ'ର ନାମ ପରିବର୍ତ୍ତନ ହୋଇଛି । ଏହା ବଦଳରେ ଫିଲ୍ମର ନାଁ ରଖାଯାଇଛି 'ମାତୃଭୂମି : ମେ ୱାର ରେଷ୍ଟ ଇନ୍ ପିସ୍' । ସୋସିଆଲ୍ ମିଡିଆ ପୋଷ୍ଟରେ ନିର୍ମାତା ନୂଆ ନାଁ ବାବଦରେ ପୋଷ୍ଟ କରିଥିବା ଜଣାଯାଇଛି । ଏଥିସହ ଫିଲ୍ମର ଏକ ନୂଆ ପୋଷ୍ଟର ମଧ୍ୟ ଜାରି ହୋଇଛି । ଏନେଇ ଏହାର ନିର୍ଦ୍ଦେଶକ ଅପୂର୍ବ ଲାଖିଆ କହିଛନ୍ତି, ଟାଇଟଲ ବଦଳାଇବା ନିଷ୍ପତ୍ତି ଅଚାନକ ନିଆଯାଇନାହିଁ । ପ୍ରଯୋଜକ ଅନେକ ଦିନ ଧରି ଏହା ଉପରେ ବିଚାର କରୁଥିଲେ । ଏହି ଫିଲ୍ମ ୨୦୨୦ରେ ଭାରତ-ଚୀନ୍‌ର ସୈନିକଙ୍କ ମଧ୍ୟରେ ଗଲୱାନ୍ ଘାଟିରେ ହୋଇଥିବା ସଂଘର୍ଷ ଉପରେ ଆଧାରିତ । ସେହି ଘଟଣାରେ ଭାରତୀୟ ସେନାର ଯବାନମାନେ ଅତି କଠିନ ପରିସ୍ଥିତିରେ ଅପୂର୍ବ ସାହସିକତା ପ୍ରଦର୍ଶନ କରିଥିଲେ । ସେହି ବୀରତ୍ୱର କାହାଣୀକୁ ନେଇ ଅନେକ ଅନାଲୋଚିତ ଥିମ୍ ଏହି ଫିଲ୍ମରେ ଦେଖାଯାଇଛି । ଏପ୍ରିଲ ମାସରେ ରିଲିଜ୍ ହେବା କଥା ଜଣାଯାଇଛି ।



# ରଣବୀରଙ୍କ 'ଧୁରନ୍ଧର : ଦ ରିଭେଞ୍ଜ' ରଚିଲା ଇତିହାସ

ରଣବୀର ସିଂହଙ୍କ ଫିଲ୍ମ ଷ୍ଟାରର୍ ଏହି ଫିଲ୍ମ 'ଧୁରନ୍ଧର : ଦ ରିଭେଞ୍ଜ' ଇତିହାସ ରଚିଛି । ଏହି ଫିଲ୍ମ ଦେଖିବାକୁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ରଣବୀରଙ୍କ କ୍ରେଜ୍ ଏହି ଫିଲ୍ମ ପାଇଁ କାହିଁରେ କଣ । ଫିଲ୍ମ କେବଳ ଆଡ୍‌ଭାନ୍ସ ବୁକିଂରୁ ବିଶ୍ୱରେ ହାରାହାରି ୨୦୦ କୋଟି ଆୟ କରିଛି । ଦେଶରେ ପ୍ରିଭ୍ୟୁ ପାଇଁ ପ୍ରାୟ ୧୦ ଲକ୍ଷ ଟିକଟ ବିକ୍ରି ହୋଇଥିଲା, ଏଥିରେ କେବଳ ହିନ୍ଦୀ ସଂସ୍କରଣ ୮.୬ ଲକ୍ଷରୁ ଅଧିକ ଟିକଟ ବିକ୍ରି କରିଛି । ଫିଲ୍ମ ପ୍ରତି ପାଗଳାମିକୁ ଦୃଷ୍ଟିରେ ରଖି ଦେଶର ଥିଏଟରଗୁଡ଼ିକରେ ଶୋ' ସଂଖ୍ୟା ବଢ଼ାଇ ଦିଆଯାଇଛି । ଭଗବତ୍ ଗୀତାର ଏକ ଶ୍ଳୋକରୁ ଫିଲ୍ମ ଆରମ୍ଭ ହୋଇଛି, ଯାହା କର୍ତ୍ତବ୍ୟ, ଧର୍ମ ଓ କର୍ମ ଉପରେ ଜୋର୍ ଦିଆଯାଇଛି । 'ତୁମ କର୍ତ୍ତବ୍ୟ ଧର୍ମର ପାଳନ କରିବା, ଫଳ ଚିନ୍ତା କରିବା ଉଚିତ୍ ନୁହେଁ' କନସେପ୍ଟକୁ ନେଇ ନିର୍ମାଣ କରାଯାଇଥିବା ଏହି ଫିଲ୍ମରେ କମର୍ସିଆଲକୁ ଯେଉଁଳି ଭାବରେ ଗୁରୁତ୍ୱ ଦିଆଯାଇଛି, ଦର୍ଶକ ଆକୃଷ୍ଟ ହେବା ଦେଖାଯାଇଛି । ଏହାର ଷ୍ଟାରକାଷ୍ଟରେ ରହିଛନ୍ତି ସାନା ଅର୍ଜୁନ, ରାକେଶ ବେଦୀ, ସଞ୍ଜୟ ଦତ୍ତ, ଆର.ମାଧବନ, ଗୀତିକା ପ୍ରମୁଖ । ଏହାର ନିର୍ଦ୍ଦେଶନା ଆଦିତ୍ୟ ଧର ଦେବା ସହିତ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାସ୍ୱତ ସଚଦେବ ।



# ସୃଜନଶୀଳତା ଓ ଗ୍ରୀଷ୍ମ ଛୁଟି

ଡକ୍ଟର ସୁରେଶ କୁମାର ନାୟକ




ପିଲାମାନଙ୍କୁ ପ୍ରତିଟି କ୍ଷେତ୍ରରେ ପାଠପଢ଼ା ହେଉ ବା ଛୁଟି ସବୁଥିରେ ପିତାମାତାଙ୍କ ଗୁରୁତ୍ୱପୂର୍ଣ୍ଣ ଓ ଯୋଜନବଦ୍ଧ ଭୂମିକା ରହିଛି । ପିଲାମାନଙ୍କୁ ଏହି ସମୟରେ ଦିଗଦର୍ଶନ ଦେବା ପାଇଁ ଅନେକ ସୁଯୋଗ ଆପଣମାନଙ୍କ ହାତରେ । ସବୁବେଳେ ଗୋଟିଏ କଥା ମନେରଖିଥିବେ ଛୁଟିରେ ନିଶ୍ଚିନ୍ତ ଭାବରେ ଖୁସି ଆନନ୍ଦ ପାଇଁ ପର୍ଯ୍ୟାପ୍ତ ସମୟ ତ ରହିଛି କିନ୍ତୁ ପିଲାଟି ପାଇଁ ଏହି ରୁଟିନ୍‌ଟି ମଧ୍ୟ ରଖନ୍ତୁ ଯେ ଏତେ ବଡ଼ ଲମ୍ବା ଛୁଟି ଭିତରେ ସେ ଯେପରି ତାହାର ଆଗାମୀ ବର୍ଷର ପାଠ୍ୟ ଖସଡ଼ା ସହ ନିଜକୁ ପ୍ରସ୍ତୁତ କରିପାରିବ । ଏ କ୍ଷେତ୍ରରେ ଆପଣଙ୍କ ବିଦ୍ୟାଳୟର ଅଧ୍ୟକ୍ଷ, ଶ୍ରେଣୀ ଶିକ୍ଷକଙ୍କ ପରାମର୍ଶ ମଧ୍ୟ ନେଇପାରନ୍ତି । ଛୁଟି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ଏକ ଭଲ ଯୋଜନା ପ୍ରସ୍ତୁତ କରନ୍ତୁ । ପାଠପଢ଼ା ସହ ପିଲାଙ୍କୁ ବାହାର ଭ୍ରମଣ ଯୋଜନା ଥିଲେ ପିଲାଙ୍କ ମାନସିକତାକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ । ବାହାରକୁ ଯିବାର ଯୋଜନା କରୁଥିଲେ ପିଲାମାନଙ୍କ ଖୁସି ସହିତ କ୍ଳାନ୍ତର ଦିଗକୁ ମଧ୍ୟ ଦେଖନ୍ତୁ । ଏହା ଯେପରି ତାକୁ ଅଧିକ କ୍ଳାନ୍ତ ଏବଂ ଭାରାକ୍ରାନ୍ତ ନକରେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । କାରଣ ଛୁଟିକୁ ମଉଜ ମଜଲିସରେ କଟାଇବା ପାଇଁ ପ୍ରତ୍ୟେକ ପିଲା ଚାହାଁନ୍ତି । ପିଲାଟିକୁ ଭିତରେ ରହିଥିବା ନିଜର ଅର୍ନ୍ତହିତ ପ୍ରତିଭା ଓ ସୃଜନ ଦକ୍ଷତାକୁ ପସନ୍ଦ ଅନୁସାରେ ବିକଶିତ କରିବାକୁ ପ୍ରୋତ୍ସାହନ ଦିଅନ୍ତୁ ।

ସାଧାରଣତଃ ଅଭିଭାବକମାନେ ଛୁଟିରେ ପିଲାକୁ ବାହାରକୁ ବୁଲାଇ ନିଅନ୍ତୁ । ତେବେ ପିଲା ଯେପରି ମନ ପସନ୍ଦର ସ୍ଥାନକୁ ଯାଇ ଛୁଟିର ଆନନ୍ଦ ନେଇ ପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ପିଲାକୁ ସଂଗ୍ରହାଳୟ, ପାଠାଗାର, ଚିଡ଼ିଆଖାନା, ପାର୍କ କିମ୍ବା ଐତିହାସିକ ସ୍ଥାନକୁ ବୁଲାଇ ନେବା ଭଲ । ଏପରି ସ୍ଥାନ ପିଲାକୁ ଖୁସି ଲାଗିବା ସହିତ ସେ କିଛି ଶିକ୍ଷା ମଧ୍ୟ ପାଇପାରିବେ । କୌଣସି ଆଡଭେଞ୍ଚର ଆଇଲ୍ୟାଣ୍ଡ ୱାଟର ପାର୍କ, ଆମ୍ୟୁଜ୍‌ମେଣ୍ଟ ପାର୍କ, ସୁଇମିଂ ପୁଲ ଆଦି ସ୍ଥାନକୁ ମଧ୍ୟ ନେଇପାରନ୍ତି । ଏପରି ସ୍ଥାନକୁ ଗଲେ ପିଲାର ବ୍ୟକ୍ତିତ୍ୱର ବିକାଶ ଘଟିବ ।

ପିଲାକୁ କିଛି ରଚନାତ୍ମକ କାର୍ଯ୍ୟ ଶିଖାନ୍ତୁ । ଆର୍ଟ ଏବଂ କ୍ରାଫ୍ଟ କ୍ଲାସରେ ଯୋଗ ଦେଇପାରେ । ଏପରି କ୍ଲାସକୁ ଗଲେ ପିଲା ବହୁତ କିଛି ଶିଖିବା ସହିତ ଘରେ ସେସବୁ ଜିନିଷ ତିଆରି କରିପାରିବ । ଘରେ ମଧ୍ୟ ତାକୁ ଚିତ୍ର କଳା, କାର୍ଡ଼, ଫଟୋ ଆଲବମ୍ ତିଆରି ଶିଖାଇ ପାରିବେ । ନୃତ୍ୟ ଏବଂ ସଂଗୀତ ପିଲାର ମନକୁ ଅଧିକ ଖୁସି କରିଥାଏ । ପରୀକ୍ଷାରେ ମାନସିକ ଚିନ୍ତାରୁ ମୁକୁଳିବା ପରେ ମଧୁର ସଂଗୀତ ତାର ମନକୁ ଖୁସି ଦେଇଥାଏ । ତେଣୁ ଆପଣ ଚାହିଁଲେ ତା ପାଇଁ ନୃତ୍ୟ ସଂଗୀତ ଶିକ୍ଷାର ବ୍ୟବସ୍ଥା କରିପାରିବେ । ଆତ୍ମରକ୍ଷାର କୌଶଳ ନିମନ୍ତେ ଦୁଇମାସ ପାଇଁ ଜୁଡ଼ୋ, କରାଟେ ଶିକ୍ଷାର ବ୍ୟବସ୍ଥା ମଧ୍ୟ କରିପାରନ୍ତି । ଛୁଟି ବେଳେ ଘରର ଛୋଟ ଛୋଟ କାମ କରିବା ପାଇଁ ପିଲାଙ୍କୁ ଶିଖାନ୍ତୁ । ଯଥା ଘର ସଜାଡ଼ିବା, ଲୁଗାପଟା ଝଡ଼ାଝଡ଼ି, ବହିଥାକ ସଜଡ଼ା ସଜଡ଼ି ଇତ୍ୟାଦି, ଗଛ ଲଗାଇବା, ପାଣି ଦେବା ଆଦି କାମ ମଧ୍ୟ ଶିଖାନ୍ତୁ । ଗୋଟିଏ ଭଲ ଉପାୟ ଚିନ୍ତା କରନ୍ତୁ । ବିଶେଷକରି ଖାଇବାରେ ଅମଙ୍ଗ ହେଉଥିବା ପିଲାଙ୍କୁ ଏହି ଛୁଟିରେ ରୋଷେଇ କାର୍ଯ୍ୟରେ ଛୋଟିଆ ସହଯୋଗ ପାଇଁ ପ୍ରୋତ୍ସାହିତ କରନ୍ତୁ । ଖାଦ୍ୟ ପ୍ରସ୍ତୁତି ଓ ରୋଷେଇ ଘରର ଆଦବକାଇଦା ତାକୁ ଏକ ଭଲ ଶିକ୍ଷା ଦେବ ।

ପିଲାକୁ ମଧ୍ୟ ସମର କ୍ୟାମ୍ପକୁ ପଠାଇପାରନ୍ତି । ସେଠାରେ ସେ ଅନ୍ୟପିଲାମାନଙ୍କ ସହିତ ମିଶି ବହୁତ କିଛି ଶିଖିପାରିବ । ତେବେ ଏହି ସମର କ୍ୟାମ୍ପଟିର ଆୟୋଜନକୁ ନେଇ ଓ ପରିପାର୍ଶ୍ୱିକ ସମୟ ବ୍ୟବଧାନକୁ ଦେଖି ଏକ ଶିକ୍ଷା ବର୍ଦ୍ଧକ ସମର କ୍ୟାମ୍ପ ନିମିତ୍ତ ପ୍ରୋତ୍ସାହନ ଦିଅନ୍ତୁ । ପିଲାକୁ କିଛି ଜ୍ଞାନ ବର୍ଦ୍ଧକ ପୁସ୍ତକ ଦିଅନ୍ତୁ, ଫଳରେ ସେ ଦେଶ ଦୁନିଆ ସଂପର୍କରେ ଅନେକ କିଛି ଜାଣି ପାରିବ । କାହାଣୀ ମାଧ୍ୟମରେ ଏକ ଭଲ ମଣିଷ ହେବା ପାଇଁ ତାକୁ ପ୍ରେରଣା ଦିଅନ୍ତୁ । ସେହିପରି ତାର ପରବର୍ତ୍ତୀ ବା ଉପରଶ୍ରେଣୀକୁ ଯିବା ପୂର୍ବରୁ ସେହି ବିଷୟର ପୁସ୍ତକ ଗୁଡ଼ିକ ସହ ସେ ଯେପରି ପରିଚୟ ହେବ ସେ ଦିଗକୁ ଦେଖନ୍ତୁ । ଏଥି ନିମିତ୍ତ ଅନଲାଇନର ସୁଯୋଗ ମଧ୍ୟ ନେଇପାରିବେ । ପିଲାମାନେ କୌଣସି ନୂଆ ନୂଆ କଳାକୌଶଳ ଶିକ୍ଷା ପାଇଁ ଚାହୁଁଥିଲେ ଏହି ସମର ଭେକେସନଟି ତାଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ସ୍ୱତନ୍ତ୍ର କୌଶଳ ଶିକ୍ଷା ଦିଆଯାଉଥିବା କ୍ଲାସରେ ମଧ୍ୟ ଆଡ଼ମିସନ କରାଇ ପାରିବେ ।

 କିଛି ମନୋରଂଜନ ନାଟକରେ ଅଂଶ ଗ୍ରହଣ ପାଇଁ ପିଲାକୁ ସୁଯୋଗ ଦିଅନ୍ତୁ । ଏହାଫଳରେ ସେ ନିଜ ସଂସ୍କୃତି ସଂପର୍କରେ ନାଟକରୁ କିଛି ଶିଖି ପାରିବ । ସେହିପରି ପିଲାଟି ଭିତରେ ରହିଥିବା ନିଜର ଆଶା, ସମ୍ଭାବନା, ସ୍ୱପ୍ନ, ଆକାଂକ୍ଷା ଓ ଲକ୍ଷ୍ୟ ସହ ନିଜର ମନର କଥାକୁ ଲେଖି ରଖିବାକୁ ଶିକ୍ଷା ଦିଅନ୍ତୁ । ବର୍ଷ ତମାମ ପାଠପଢ଼ା ଓ ରୁଟିନ ବନ୍ଧା ଜୀବନ ପାଇଁ ସେ ସମୟ ନପାଇ ସଙ୍କୋଚରେ ତାର ମନୋଭାବ ଅନେକଙ୍କୁ ବାଣ୍ଟି ପାରି ନଥାଏ ତେଣୁ ଏହି ସମୟରେ ସେ ଲେଖାପଢ଼ା କରିବା ସହ ନିଜ



କଥାକୁ ବାହାରକୁ ପ୍ରକାଶ କରିବାର ସୁଯୋଗ ପାଇଥାଏ । ଆପଣ ଚାହିଁଲେ ଛୁଟିରେ ପିଲାଟିକୁ ଅନ୍ୟ ଭାଷା ଉପରେ ମଧ୍ୟ ଶିକ୍ଷା ଦେଇପାରିବେ । କୌଣସି ନିର୍ଦ୍ଦିଷ୍ଟ ଭାଷାରେ ପିଲାଟିର ଦୁର୍ବଳତା ଥିଲେ ଏହି ସମୟଟି ତାଙ୍କୁ ଭରପୁର ଓ ସୁଯୋଗ ପ୍ରେରଣା ଦେବ । ପିଲାଟି ଇଚ୍ଛା କରୁଥିଲେ କୌଣସି ପ୍ରାନ୍ତୀୟ ଭାଷା ବା ବିଦେଶୀ ଭାଷା ମଧ୍ୟ ଶିକ୍ଷା କରିପାରିବ ।

ଛୁଟି ଦିନକୁ ଛାଡ଼ିଦେଲେ ପାଠପଢ଼ା ସମୟରେ ପିଲାମାନେ ଏପରି ଲମ୍ବା ଅବକାଶ ପାଇ ନଥାନ୍ତି । ଏହି ସମୟ ଭିତରେ ପିଲାଟି ନିଜ ଲୋକମାନଙ୍କୁ, ପ୍ରକୃତି, ପରିବେଶ ସହିତ ମିଶି ଅପୂର୍ବ ଓ ସୁନ୍ଦରପୂର୍ଣ୍ଣ ଜୀବନକୁ କିପରି ଅତିକ୍ରମ କରାଯାଏ ଏ ସବୁ ଶିକ୍ଷା ଅତିବ ଗୁରୁତ୍ୱପୂର୍ଣ୍ଣ । ଭଗବାନ ସୂର୍ଯ୍ୟଦେବ ଉଦୟ ହେବାର ଢ଼େର ପୂର୍ବରୁ ଅର୍ଥାତ୍ ପ୍ରତ୍ୟୁଷର ସୂର୍ଯ୍ୟୋଦୟ, ପକ୍ଷୀ ମାନଙ୍କର କିଚିରମିଚିର ଶବ୍ଦ ସହ ରାତିରେ ଖୋଲା ଆକାଶ ତଳେ ତାରା ଦେଖି ସେମାନଙ୍କୁ କିଛି କ୍ଷଣ ପାଇଁ ଜହ୍ନ ମାମୁଁଙ୍କ ରାଜ୍ୟକୁ ନେଇ ଯାଆନ୍ତୁ ଏହା କିଛି ଲୋକଙ୍କ ପାଇଁ ମାମୁଲି କଥା ହୋଇପାରେ କିନ୍ତୁ ଏହା ଅତ୍ୟନ୍ତ ବାସ୍ତବଦାୟୀ ଓ ପିଲାର ସାମଗ୍ରୀକ ବିକାଶ ସହ ପ୍ରକୃତିର ପ୍ରଭାବକୁ ଅତ୍ୟନ୍ତ ଶିକ୍ଷାଦାୟକ ଓ ଆନନ୍ଦ ପ୍ରଦାୟକ ହୋଇପାରିବ ।



**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୫୯୨**



# ପଖାଳ ଓ ପ୍ରଭୁ ଜଗନ୍ନାଥ

କବୀର କୁମାର ଜେନା



ଆମ କୋଟି ଓଡ଼ିଆଙ୍କ ମଉଡ଼ମଣି ଆମ ହୃଦୟର ସ୍ପନ୍ଦନ, ଆମ ଭାବର ଆରାଧ୍ୟ ହୃଦୟେଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ସମ୍ପୂର୍ଣ୍ଣ ଭାବେ ମାନବୀୟ ଲୀଳା ଭାବେ ପରିଗଣିତ। ପ୍ରତିଟି ମଣିଷର ଜୀବନ ଚକ୍ର ପରି ପ୍ରତିଦିନ କର୍ମ ସମ୍ପାଦନ ପରି ସେ ତାଙ୍କର ପ୍ରତିଟି କର୍ମ କରିଥାନ୍ତି। ଷାଠିଏ ପଉଟି ପ୍ରସାଦ ପ୍ରତିଦିନ ନିର୍ଦ୍ଧାରିତ ସମୟରେ ଗ୍ରହଣ କରୁଥିବା ମହାପ୍ରଭୁ ମଧ୍ୟ ଆମ ଓଡ଼ିଆଙ୍କ ପରି ପଖାଳ ଖାଇଥାନ୍ତି।

ଆମ ଓଡ଼ିଆ ମାଟି, ପାଣି, ପବନର ପ୍ରତିଟି ପାରମ୍ପରିକ ଖାଦ୍ୟ ଭିତରେ ପଖାଳର ବାସ୍ନା ସ୍ୱତନ୍ତ୍ର। ପ୍ରାୟ ପ୍ରତିଟି ଓଡ଼ିଆ ଘରର ଜନଜୀବନରେ ଏହି ପଖାଳ ଯୋଡ଼ା ହୋଇଛି। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଶ୍ରୀମନ୍ଦିର ପରମ୍ପରାରେ ମଧ୍ୟ ପଖାଳର ବିଧି ରହିଛି। ମହାପ୍ରଭୁଙ୍କ ନିକଟରେ ଦୈନନ୍ଦିନ ଲାଗି ହେଉଥିବା ଛପନ ଭୋଗ ମଧ୍ୟରେ ପଖାଳ ଅନ୍ୟତମ।

ଶ୍ରୀଗୁଣ୍ଡିଚା ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମୟକୁ ଛାଡ଼ିଦେଲେ ବାକି ବର୍ଷର ସମସ୍ତ ଦିବସରେ ଦାରୁଦିଅଁ ପଖାଳରେ ଆତ୍ମସନ୍ତୋଷ ପାଇଥାନ୍ତି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ଲାଗି ଚନ୍ଦନ ଯାତ୍ରା ଅବସରରେ ଦହିପଖାଳ ମଣୋହି କରି ମଦନମୋହନ ଚାପ ଖେଳ ପାଇଁ ବାହାରନ୍ତି। ଖରାଦିନେ ଭକ୍ତମାନେ ମହାପ୍ରସାଦକୁ ପଖାଳ କରି ଖାଇଥାନ୍ତି। ଶ୍ରୀମନ୍ଦିରରେ ଯେଉଁ ଟଙ୍କତୋରାଣି ମିଳେ ତାହା ମହାପ୍ରସାଦ ପଖାଳରୁ ପ୍ରସ୍ତୁତ ହୋଇଥାଏ। ଏହି ପଖାଳ ତୁଣ ସୁଆର ଓ ଥାଳି ସୁଆର ସେବକମାନେ ପ୍ରସ୍ତୁତ କରିଥାନ୍ତି। ପନ୍ତି ବଡୁ ସେବକ ଯେଉଁ ଭୋଗରେ ଯେଉଁ ପଖାଳ ଲାଗି ହେବା କଥା ତାହା ପନ୍ତି ଲଗାଇଥାନ୍ତି।

ଶ୍ରୀ ମନ୍ଦିରରେ ପଖାଳର ବ୍ୟବସ୍ଥା ସମ୍ପର୍କରେ ସ୍ୱତ୍ୱଲିପିର ମଧ୍ୟ ଉଲ୍ଲେଖ ରହିଛି। ବଡୁ ସୁଆର ନିଯୋଗ ପରିଚାଳିତ ଏହି ପଖାଳରେ ଶ୍ରୀମନ୍ଦିରରେ ପାଞ୍ଚ ପ୍ରକାର ପଖାଳ ଅର୍ପଣ ହୋଇଥାଏ। ସେଗୁଡ଼ିକ ହେଉଛି ଘିଅ ପଖାଳ, ଦହି ପଖାଳ, ଚିପୁଡା ପଖାଳ, ଟଭା ପଖାଳ ଓ ସୁବାସିତ ପଖାଳ। ଏହି ପଖାଳ ତିଆରି ପାଇଁ ଶ୍ରୀମନ୍ଦିରର ରୋଷ ଘର ଭିତରେ ସ୍ୱତନ୍ତ୍ର ଭାବେ ଖଡ଼ି ପଥରରେ ଏକ ପଖାଳ କୁଣ୍ଡ ରହିଛି ଯେଉଁଥିରେ ଅନ୍ନ ଓ ପାଣି ଦ୍ୱାରା ମହାପ୍ରଭୁଙ୍କ ପାଇଁ ଦିବ୍ୟ ପଖାଳ ପ୍ରସ୍ତୁତ ହୋଇଥାଏ। ଆସନ୍ତୁ ଏହି ପଖାଳର ପ୍ରସ୍ତୁତି ଓ ସ୍ୱତନ୍ତ୍ରତା ବିଷୟରେ ଜାଣିବା।

ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଅନ୍ନରେ ପାଣି, ଲୁଣ ଇତ୍ୟାଦି ମିଶା ଯାଇ ଚିପୁଡା ଯାଇ ଏକ ଓଳିରେ ରଖାଯାଏ ଏବଂ ଏହା ଉପରେ ଅଦା, ପାତି, ଭଜା ଜିରା ପକାଯାଇ ଚିପୁଡ଼ା ପଖାଳ ପ୍ରସ୍ତୁତ କରାଯାଇଥାଏ। ପ୍ରତିଦିନ ମଧ୍ୟାହ୍ନ ଧୂପ ସମୟରେ ଏହି ପଖାଳ ଠାକୁରଙ୍କ ପାଖରେ ଲାଗି କରାଯାଏ। ଏହାକୁ ଚିପୁଡ଼ା ପଖାଳ କୁହାଯାଏ। ସେହିପରି ଆମ ଓଡ଼ିଆରେ ଟଭା ଯାହାକି କମଳା ଭଳି ଦେଖାଯାଉଥିବା ଗ୍ରାମାଞ୍ଚଳରେ ଉପଲବ୍ଧ ହେଉଥିବା ଠିକ କମଳା ଭଳି ଏକ ଖଟା ଜାତୀୟ ଫଳ। ଏହାସହ ଜିରା, ଲୁଣ, ଅଦାଖଣ୍ଡ ଓ ପାଣି ମିଶ୍ରିତ ହୋଇ ପ୍ରସ୍ତୁତ କରାଯାଏ।

ଏହା ମହାପ୍ରଭୁଙ୍କ ପାଖରେ ଠିକ ଦ୍ୱିପ୍ରହର ଧୂପ ସମୟରେ ଲାଗି କରାଯାଏ। ଠିକ ସେହିପରି ଅନ୍ନରେ ପାଣି ମିଶ୍ରିତ ପୂର୍ବକ ଏଥିରେ ଲୁଣ, ଭଜା ଜିରା, ଅଦାଖଣ୍ଡ, ଲବଙ୍ଗ, ଗୋଲମରିଚ ଇତ୍ୟାଦି ପକାଯାଇ ସୁବାସିତ ପଖାଳ ପ୍ରସ୍ତୁତ ହୋଇଥାଏ। ଏହା ମଧ୍ୟ ମଧ୍ୟାହ୍ନ ଧୂପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥାଏ। ତେବେ ଦହି ପଖାଳଟି ଯେଉଁଥିରେ ଅନ୍ନରେ ପାଣି ମିଶ୍ରିତ ପୂର୍ବକ ଏଥିରେ ଲୁଣ, ଭଜା ଜିରା, ଅଦାଖଣ୍ଡ, ଦହି ଇତ୍ୟାଦି ପକାଯାଇ ଏହି ପଖାଳ ପ୍ରସ୍ତୁତ ହୋଇଥାଏ। ଏହା ସନ୍ଧ୍ୟା ଧୂପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥାଏ। ତେବେ ସବୁଠାରୁ ଆକର୍ଷଣୀୟ ହୋଇଥାଏ ଘିଅ ପଖାଳ। ଯାହା ମହାପ୍ରଭୁଙ୍କ ବଡ଼ ସିଂହାର ଧୂପ ପରେ ଅର୍ପଣ ହୋଇଥାଏ। ଏଥିରେ ଅନ୍ନ, ଲୁଣ, ଅଦାଖଣ୍ଡ, ଦହି, ଭଜା ଜିରା ଇତ୍ୟାଦି ଓଳିରେ ରଖାଯାଇ ଏଥିରେ ଘିଅ ମିଶାଯାଏ। ଶ୍ରୀମନ୍ଦିର ପାରମ୍ପରିକ ପରିଭାଷାରେ ଏହାକୁ ଘିଅ ପଖାଳ କୁହାଯାଏ। ଏଭଳି ଭୋଗ ଅର୍ପଣ ଓ ପ୍ରସ୍ତୁତ ପରମ୍ପରା ବାସ୍ତବିକ ସମଗ୍ର ବିଶ୍ୱରେ ବିରଳ। ଯେଉଁଥିପାଇଁ ଏକ ପ୍ରବାଦ ରହିଛି 'ଏମିତିଆ ଦିଅଁ କେଉଁଠି ଅଛି, ପଖାଳ ଭାତରେ ଘିଅ ଖାଉଛି।'



ଶ୍ରୀମନ୍ଦିର ପରମ୍ପରାରେ ପଖାଳ ସମ୍ପର୍କରେ ସ୍ୱତ୍ୱଲିପିରେ ଯାହା ବର୍ଣ୍ଣନା ରହିଛି ସେହି ତଥ୍ୟ ମୁତାବକ ମାଦଳା ପାଞ୍ଜିରେ ଉଲ୍ଲେଖ ଥିବା ନୀତି ବ୍ୟବସ୍ଥାରେ ମହାପ୍ରଭୁଙ୍କ ପିଠା ଓ ଭୋଗ ଯୋଡ଼ା ଯାଇଥିବା ସହିତ ପଖାଳ କିନ୍ତୁ ଏହା ଭିତରୁ ପ୍ରାଚୀନ ଓ ସର୍ବପ୍ରଥମ। ତେବେ କେଶରୀ ବଂଶଙ୍କ ସମୟରେ ଥିବା ରୋଷ ଘରେ ପଖାଳ ସମ୍ପର୍କରେ କିଛି ତଥ୍ୟ ମଧ୍ୟ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦିବ୍ୟ ମାନବ ବାଦର ସମନ୍ୱିତ ଲୀଳାଖେଳାର ଶ୍ରେଷ୍ଠତମ ପ୍ରତୀକ। ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ତ୍ତବ୍ୟ ସମ୍ପାଦନ କରି ସେ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ ସାରା ଜୀବଜଗତ ପାଇଁ ଏକ ସ୍ୱାଭାବିକ ପ୍ରକ୍ରିୟା।

ଓଡ଼ିଆରେ ଗୋଟିଏ  କଥା ଅଛି 'ଶାଗଖିଆକୁ ପେଜପିଆ ସହିପାରେ ନାହିଁ।' ଏହାର ଅର୍ଥ ଯିଏ ପେଜ ପିଇ ଜୀବନ ବଞ୍ଚୁଥାଏ, ଅର୍ଥାତ୍ ଅତି ଗରିବ, ସିଏ ଶାଗ ପଖାଳ ଖାଇ ବଞ୍ଚୁଥିବା ଗରିବ ଲୋକଟିକୁ ଈର୍ଷା କରେ। କିନ୍ତୁ ଏଇ ପେଜ ଓ ପଖାଳ ଏ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ସହ ଯୋଡ଼ି ହୋଇ ଏହାକୁ ଗୌରବ ଦେଇଛି।

ଆମେ ମହାପ୍ରଭୁଙ୍କ ପଖାଳ ନୀତି ସମ୍ପର୍କରେ ଆଲୋଚନା ରଖିବାବେଳେ ଆମ ସାମ୍ନାକୁ ଆସିଥିଲା ମହାନ ଭକ୍ତ ରାମଦାସଙ୍କ ଦ୍ୱାରା ଲିଖିତ 'ଦାର୍ଢ୍ୟତା ଭକ୍ତି' ପୁସ୍ତକ ସମ୍ପର୍କରେ ଯେଉଁଥିରେ ମହାପ୍ରଭୁଙ୍କ ସେହି ପ୍ରାତଃ ସ୍ମରଣୀୟ ଭକ୍ତ ଦାସିଆ ବାଉରୀଙ୍କ କଥା ଉଲ୍ଲେଖ ରହିଛି। ତତ୍କାଳୀନ ଶ୍ରୀକ୍ଷେତ୍ର ପୁରୀ ଠାରୁ ଅନୁନ୍ୟନ ଦୁଇକୋଶ ଦୂରରେ ବାଲିଗାଁ ବା ବାଲି ଗ୍ରାମ। ପାରମ୍ପରିକ କୌଳିକ ଜାତିରେ ସେ ଥିଲେ 'ଖନ୍ଦାଳ' ସମ୍ପ୍ରଦାୟର। ଏହି ଖନ୍ଦାଳ ବା ଖଦାଳ ତନ୍ତୀ ଜାତିବିଶେଷ ଲୁଗାପଟା ନିଜ ତନ୍ତ ଦ୍ୱାରା ତିଆରି କରି ଜୀବନ ନିର୍ବାହ କରନ୍ତି। ଦାସିଆ ବାଉରୀଙ୍କ ସଂସାର ବୋଇଲେ ସ୍ୱାମୀ-ସ୍ତ୍ରୀ ଦୁଇଜଣ। ତାଙ୍କର କୋଳ କିନ୍ତୁ ଶୂନ୍ୟ ଥିଲା। ଦୁଇ ପ୍ରାଣୀଙ୍କ ସଂସାରରେ ପିଲାଝିଲ୍ଲା ହିଁ ନଥିଲେ। ଭକ୍ତ ଦାସିଆ ତାଙ୍କ ସମୟରେ ଗ୍ରାମରେ ବ୍ରାହ୍ମଣଙ୍କ ଘରେ ବ୍ରତ ବା ଆଧାତ୍ମିକ କାର୍ଯ୍ୟ ସମ୍ପାଦନ ବେଳେ ଯେଉଁ ନାମ ଗାୟନ ସବୁ ହୁଏ ତାହା ତାଙ୍କୁ ଭିତର ହୃଦୟରୁ ଯେପରି କେହି କିଛି ସଂକେତ ଦେଇ ଡାକିଥାଏ।

ଜାତିରେ ଛୋଟ ହୋଇଥିବାରୁ ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପାଦିତ ସ୍ଥାନ ଠାରୁ ଦୂରରେ ରହି ସେ ଏହାକୁ ଶୁଣୁଥାନ୍ତି। ଏହି ଶୁଣିବା ଭିତରେ ହିଁ ତାଙ୍କର ଦିବ୍ୟ ଜ୍ଞାନର ଚୈତନ୍ୟ ଉଦୟ ହୋଇଥିଲା। ସମାଜରେ ଗୁରୁଜ୍ଞାନୀ, ବିଦ୍ୱାନ ମଣ୍ଡଳୀଙ୍କ ଠାରୁ ଟିକେ ଦୂରରେ ହେଉ ବରଂ ବସି ଭଗବତ ଜ୍ଞାନ ଶୁଣୁଥିଲେ। କର୍ମମୟ ଜୀବନରେ ପୁଣ୍ୟ କ'ଣ ପାପ କ'ଣ ସେ ବୁଝି ପାରିନଥାଏ। ପ୍ରତିଦିନ ଯେତିକି ଯାହା ମିଳେ ସେଇଥିରେ ସେ ଆନନ୍ଦରେ ନିଜକୁ ଅତିବାହିତ କରିଥାଏ। ସୁଖ ବି ଠାକୁର ଦେଇଛନ୍ତି ଦୁଃଖ ବି ଠାକୁର ଦେଇଛନ୍ତି। ଏହାକୁ ଗ୍ରହଣ କରି ସେ ତାଙ୍କ ଦୈନନ୍ଦିନ ଜୀବନ ଆଗେଇ ନେଉଥିବାବେଳେ ପ୍ରତିବର୍ଷ ପରି ସେ ବର୍ଷଟି ଥିଲା ଗୁଣ୍ଡିଚା ଯାତ୍ରା ଆସିବାର ପୂର୍ବ ସମୟ। ଛୋଟିଆ ତନ୍ତୀ କାରିଗରଟି ହୋଇଥିଲେ ମଧ୍ୟ ଭକ୍ତ ଭାବନାରେ ଗଦ ଗଦ ହୋଇ ମହାପ୍ରଭୁଙ୍କୁ ରଥାରଢ଼ରେ ଦର୍ଶନ କରି ଭାବତନ୍ମୟ ହୋଇପଡୁଥିଲା। ଦାଢ଼ାତ୍ୟା ଭକ୍ତିରେ କବିରାମ ଦାସ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି - 'କଳା ଶ୍ରୀମୁଖକୁ ଅନାଇ, ବେନି ନୟନୁ ଧାର ବହି, ରଙ୍ଗ ଅଧର କଳା ଡୋଳା, ଦେଖି ଭାବରେ ହେଲା ଭୋଳା।' ଶ୍ରୀକ୍ଷେତ୍ରରୁ ରଥାରୁଢ଼ ପରମବ୍ରହ୍ମ କାଳିଆ ସାଆନ୍ତଙ୍କୁ ପେଟ ପୁରାଇ ଦର୍ଶନ କରି ଭକ୍ତ ଦାସିଆ ଘରକୁ ଫେରିଥିଲେ। ତନ୍ତୀ ଘର ଯେହେତୁ, ତାଙ୍କ ଧର୍ମପତ୍ନୀ ଘରେ ଥିବା ରଙ୍ଗ ହାଣ୍ଡିରେ ରାନ୍ଧିଥିବା ଖାଦ୍ୟ ଭାବେ ପେଜମିଶା ଭାତ ବା ଜାଉ ଆଣି ତାଙ୍କ ସାମ୍ନାରେ ରଖିଥିଲେ। ଆଉ ତା ମଝିରେ ଥିଲା ନିଜ ବାରିର ମେଞ୍ଚାଏ ଶାଗର ଭଜା। ହୃଦୟସ୍ପର୍ଶୀ ଭାବେ ଏହାର ଅତି ସୁନ୍ଦର ବର୍ଣ୍ଣନା ରହିଛି 'ଦାଢ଼୍ୟତା ଭକ୍ତି'ରେ। ତାହା ଦେଖି ଦାସିଆ ମନରେ ଭାବାନ୍ତର ହେଲା 'ହାଣ୍ଡି ସୁରଙ୍ଗ ପେଜ ଧଳା, ତା ମଧ୍ୟେ ଶାଗ ଦିଶେ କଳା, ସାକ୍ଷାତେ ପଦ୍ମଡୋଳା, ଏହି, ଗୋଳି କି ରୂପେ ଖାଇବଇଁ।' ଆମ ଓଡ଼ିଆ ଚଳଣିରେ ଓ ଖାଦ୍ୟ ପ୍ରସ୍ତୁତିରେ ପେଜ ହେଉଛି ରନ୍ଧା ଭାତର ଫେଣ। ଭାତ ରାନ୍ଧିଲେ ଯେଉଁ ଫେଣମୟ ଜଳ ବାହାରେ ତାହା ପେଜ। ପେଜ ମଧ୍ୟ ଅନେକ ଅଞ୍ଚଳରେ ରନ୍ଧାଭାତକୁ ବୁଝାଏ। ତାତ୍ପର୍ଯ୍ୟପୂର୍ଣ୍ଣ ଏହି ଯେ ଦାସିଆ ବାଉରିର ଏହି ପେଜ ବା ପଖାଳ ମଧ୍ୟ ତା ନଡ଼ିଆ ପରି ଭକ୍ତଭାବଗ୍ରାହୀଙ୍କ କିମ୍ବଦନ୍ତୀ ଅଙ୍ଗ ହୋଇଛି।

ଶ୍ରୀଜଗନ୍ନାଥଙ୍କ ଭୋଗସାମଗ୍ରୀ ମଧ୍ୟରେ ଅନ୍ୟୁନ୍ୟ ପାଞ୍ଚ ପ୍ରକାରର ପଖାଳ ଭୋଗ। ଶ୍ରୀଜଗନ୍ନାଥଙ୍କ ପଖାଳପ୍ରିୟତାର ନିଦର୍ଶନ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ଓଡ଼ିଆ ଭକ୍ତି ଭାବନାର ବିଶ୍ୱାସ, ପରମ୍ପରା ଓ ବିଚାର ଉପରେ ପର୍ଯ୍ୟବେଶିତ। ମହାପ୍ରଭୁ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ ଏହା ହିଁ କାମନା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୬୭୪୯୯୦**



ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଲିଭର ଓ ଫାଇବ୍ରୋସ୍କାନ୍

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



## ଲିଭର ଓ ଫାଇବ୍ରୋସ୍କାନ କ'ଣ ?

ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଲିଭର ସମ୍ପର୍କିତ ଜ୍ଞାନ ଆହରଣ ପାଇଁ ଫାଇବ୍ରୋ ସ୍କାନ ଏକ ଉନ୍ନତ ଧରଣର ସୂକ୍ଷ୍ମମାନର ଯନ୍ତ୍ର । ଫାଇବ୍ରୋ ସ୍କାନ ସମ୍ପର୍କରେ ଅନେକ ଜାଣି ନଥାନ୍ତି । ଲିଭରର ସ୍ଥିତି, ନିରାପଦତା ଓ କେତେ ଦୂର ଏହା କର୍ମକ୍ଷମ, କୌଣସି କ୍ଷତି ହୋଇଛି କି ? ଲିଭରରେ ଯଦି କୌଣସି କ୍ଷତି ହୋଇଛି ତେବେ ତାହା କେତେ ପରିମାଣର ? ଏହା ଜଣାପଡ଼ିଥାଏ ଫାଇବ୍ରୋସ୍କାନ ପରୀକ୍ଷାରୁ । ଆଜିକାଲି ଅନେକ ଲୋକ ଏହାକୁ ଅଣଦେଖା କରିବାରୁ ପ୍ରାଥମିକ ଭାବେ ଲିଭର ଖରାପ ହେଉଛି, ପରବର୍ତ୍ତୀ ସମୟରେ ଲିଭର ସିରୋସିସ ଏବଂ ସ୍ଥଳବିଶେଷରେ ଲିଭର ନଷ୍ଟ ହୋଇଯାଉଛି । ସେତେବେଳକୁ ଜଣକ ପାଖରେ ଆଉ କୌଣସି ସାଧନ ମଧ ନଥାଏ । ଲିଭର ବା ଯକୃତ (କଲିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟ ଭିତର ମଧ ଭାଗର ଡାହାଣ ପଟକୁ ମଧଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ । ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା । କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର । ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ ।

## ଶରୀରରେ ଲିଭରର କାର୍ଯ୍ୟ କ'ଣ ?



ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ତିଆରି କରିବାରେ ଲିଭର ଉପାଦାନ ସୃଷ୍ଟି କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍, ତାହା ଯକୃତରେ ହିଁ ତିଆରି ହୁଏ । ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ । ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ ।



## ଲିଭରରେ ତନ୍ତୁ କିପରି ସୃଷ୍ଟି ହୁଏ ? ଲିଭର ସିରୋସିସ କ'ଣ ?

ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ର ତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ (ବାୟୋପ୍‌ସି) ନେଇ ପରୀକ୍ଷା କରାଯାଏ । ଏକ ଛୁଞ୍ଚ ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ । କିନ୍ତୁ ଏହା ଏକ କଷ୍ଟକର ଓ ଭୟଙ୍କର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ । ତେଣୁ ଲିଭରକୁ କ୍ଷତି ନକରିବା କୌଣସି ପ୍ରକାର ଛୁଞ୍ଚ ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ । ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର । ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ ।

## ଫାଇବ୍ରୋସ୍କାନ ପରୀକ୍ଷା କିପରି ହୁଏ ଓ ଏହା ସମସ୍ତେ କରିପାରିବେ କି ?

କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ । ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ । ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ । ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ । ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ । ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ । ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ । ଜନସାଧାରଣଙ୍କର ସଚେତନତା ବଢ଼ିଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧରେ ଚିକିତ୍ସା କରିବାକୁ ଓ ଟିକା ନେବାକୁ ଆଗେଇ ଆସନ୍ତି ।



## ଓଡ଼ିଶାରେ ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଲିଭର ସମ୍ବନ୍ଧୀୟ ଏହି ଫାଇବ୍ରୋସ୍କାନ ପରୀକ୍ଷା ବ୍ୟବସ୍ଥା କେଉଁଠି ହେଉଛି ?

ଓଡ଼ିଶାରେ ସରକାରୀ ଡାକ୍ତରଖାନାରେ ଏହି ବ୍ୟୟବହୁଳ ପରୀକ୍ଷାର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନାହିଁ । ଓଡ଼ିଶାରେ ଯେଉଁ ଦୁଇ ତିନୋଟି ପ୍ରାଇଭେଟ ଡାକ୍ତରଖାନାରେ ଏହାର ପରୀକ୍ଷା ହେଉଛି ସେଠାରେ ଏହା ଅତ୍ୟନ୍ତ ବ୍ୟୟବହୁଳ । ବର୍ତ୍ତମାନ ସମୟରେ ଏହି ପରୀକ୍ଷା ଅତ୍ୟନ୍ତ ଜରୁରୀ । ମାଦକ ଦ୍ରବ୍ୟ ସେବନରୁ ଦୂରେଇ ରହିବା ପାଇଁ ଏହି ଫାଇବ୍ରୋ ସ୍କାନ ରୋଗୀକୁ ସତର୍କ କରିଦିଏ ।

ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ମହକ



# ଅତୁଳନୀୟ ଅତୁଲ ବଳ

ନଳିନୀକାନ୍ତ ନାୟକ




ଅଧ୍ୟାପନାରେ ପ୍ରଥମ ପ୍ରବେଶ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ରାଜନଗରରେ ଅଧ୍ୟାପକ ଭାବରେ ପରେ ପରେ ଅଧକ୍ଷ ଭାବରେ କାର୍ଯ୍ୟ କରି ଅବସର ନେଇଛନ୍ତି ସେହି ଶିକ୍ଷାନୁଷ୍ଠାନରେ। ପାଖାପାଖି ପାଞ୍ଚଶହ ପୁସ୍ତକ ଓ ପତ୍ରପତ୍ରିକା ପାଇଁ ପ୍ରଚ୍ଛଦ ଅଙ୍କନ କରିଥିବା ଏହି ଶିଳ୍ପୀ ଚିତ୍ରରେ, ଶବ୍ଦରେ ଜୀବନର ସ୍ପନ୍ଦନ ଭରିଦେଲା ଭଳି ପ୍ରତୀୟମାନ ହୁଏ। ଅନେକରେ ଏକ ଥିଲେ ଅତୁଲ ବଳ। ଏକାଧାରରେ ସେ ଥିଲେ ଜଣେ ଗାଳ୍ପିକ, କବି, ଚିତ୍ରଶିଳ୍ପୀ, ପତ୍ରିକା ସମ୍ପାଦକ, ପରିବେଶବିତ୍ , ସାମାଜିକ କର୍ମୀ , ସଂଗଠକ ଓ ଶିକ୍ଷାବିତ୍। ସବୁ କ୍ଷେତ୍ରରେ ସେ ଛାଡିଯାଇଛନ୍ତି ତାଙ୍କ ନିଖୁଣ କାର୍ଯ୍ୟର ଦସ୍ତାବିଜ।

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅରେହିକଣା ପଞ୍ଚାୟତର ଗଭାଡ଼ିଆ ଗ୍ରାମରେ ୧୯୬୪ ମସିହାରେ ଅତୁଲ ବଳ ଜନ୍ମ ଗ୍ରହଣ କରିଥିଲେ ହେଁ ରାଜନଗର ଥିଲା ତାଙ୍କର କର୍ମଭୂମି। କେନ୍ଦ୍ରାପଡ଼ା ମହାବିଦ୍ୟାଳୟରୁ ଅର୍ଥନୀତି ସମ୍ମାନରେ ସ୍ନାତକ ଶିକ୍ଷା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ ହୋଇଥିଲେ। କେନ୍ଦ୍ରାପଡା ମହାବିଦ୍ୟାଳୟ ଥିଲା ତାଙ୍କ ସର୍ଜନା ବଗିଚା। ସେଠାରେ ହିଁ ଆରମ୍ଭ କରିଥିଲେ ତାଙ୍କ ସୃଜନର କାର୍ଯ୍ୟ। ଛାତ୍ରାବସ୍ଥାରେ ରାଜନୀତିରେ ଅଳ୍ପବହୁତେ ସକ୍ରିୟ ଥିଲେ ସୁଦ୍ଧା ସାହିତ୍ୟରେ ରୁଚି ରଖିଥିଲେ। ସେହି ସମୟରୁ ସୁବକ୍ତା ଭାବରେ ପରିଚିତ ଥିଲେ।

ଜଣେ ଅନୁରାଗୀ ଚିତ୍ରକର ଭାବରେ ତାଙ୍କର ପ୍ରଚ୍ଛଦ ଓ ଅଳଙ୍କରଣ ନିଆରା ଥିଲା। ଭୁବନେଶ୍ୱର ପୁସ୍ତକମେଳାରୁ ଶ୍ରେଷ୍ଠ ପ୍ରଚ୍ଛଦଶିଳ୍ପୀ ଭାବରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଶୈଳଜା, ପ୍ରତିବେଶୀ, ବନଫୁଲ, ମଧୁଧାରା ଇତ୍ୟାଦି ପତ୍ରିକା ପ୍ରକାଶନ ସହ ଓତଃପ୍ରୋତ ଭାବେ ଜଡ଼ିତ ଅତୁଲ ବଳଙ୍କ ସମ୍ପାଦନା କାର୍ଯ୍ୟରେ ତାଙ୍କ ସୂକ୍ଷ୍ମ କାରିଗରୀ ଦୃଶ୍ୟମାନ ହୁଏ ଯାହା ଅନ୍ୟ ପତ୍ରିକାମାନଙ୍କ ଠାରୁ ଭିନ୍ନ ମନେହୁଏ ।

ଗାଳ୍ପିକ ଭାବରେ ସେ 'ମୁକ୍ତିର ବର୍ଣ୍ଣବୋଧ' ନାମକ ଗଳ୍ପସଂକଳନର ସ୍ରଷ୍ଟାଥିଲେ ଯେଉଁଥିରେ ଆମ ସ୍ଥାନୀୟତାକୁ ନେଇ ସେ ଲେଖିଥିବା ଗପ 'ହଂସୁଆନଈର ମାଝୀ' ଅନେକଙ୍କର ପ୍ରିୟ ଗପ ଥିଲା। ଯାନ୍ତ୍ରିକ ସଭ୍ୟତାର ବିକାଶରେ ସାଂସ୍କୃତିକ ଓ ପାରିପାର୍ଶ୍ୱିକ ସଭ୍ୟତାର କିଭଳି ବିନାଶ ହେଉଛି ତାହା ତାଙ୍କ ଗଳ୍ପର ସ୍ୱର ହୋଇପାରିଛି। 'ଓଡ଼ିଆ କାଳଜୟୀ ଗଳ୍ପ' ସମ୍ପାଦନା କରିଛନ୍ତି ସେ ଯାହା ଓଡ଼ିଆ ସାହିତ୍ୟର ବିଭବକୁ ସମୃଦ୍ଧ କରିଛି । ପାଠକଙ୍କ ବହିଥାକର ଅମୂଲ୍ୟ ସମ୍ପଦ ହୋଇ ରହିବ ନିଶ୍ଚୟ। ସଙ୍ଗଠକ ଭାବରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ, ଆଳି ସମ୍ବାଦ ସାହିତ୍ୟ ଘରର ଉପଦେଷ୍ଟା, କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ପରିଷଦ,ରାଜନଗର ସାହିତ୍ୟ ଘର ଓ ବହୁ ସାଂସ୍କୃତିକ ଅନୁଷ୍ଠାନର ସକ୍ରିୟ କର୍ମକର୍ତ୍ତା ଥିଲେ। ଜଣେ ପରିବେଶବିତ୍ ଭାବରେ ସାତଭାୟା ଓ ଭିତରକନିକାକୁ ନେଇ ଅନେକ ସୁନ୍ଦର ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି। ନବେ ଦଶକରୁ ଭିତରକନିକା ଏବଂ ବଙ୍ଗୋପସାଗର ତଟଘେରା ଅଞ୍ଚଳରେ ଧାରାଣୀୟ ବିକାଶ ପାଇଁ ହେଉଥିବା ସଂଘର୍ଷର ପ୍ରଚ୍ଛଦପଟର ନାୟକ ହେଉଛନ୍ତି ଅତୁଲ ବଳ। ସ୍ୱଳ୍ପ ବେତନରୁ ସେବେର ବିଜୟାନନ୍ଦ ମହାବିଦ୍ୟାଳୟରୁ ଏବେର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯେଉଁ ସୁଦୃଶ୍ୟ ପରିବର୍ତ୍ତନ ଦୃଷ୍ଟିଗୋଚର ହୁଏ ତାର ଶ୍ରେୟ ଅତୁଲ ବଳଙ୍କୁ ହିଁ ଯାଏ। ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କିଭଳି ଶିକ୍ଷାନୁଷ୍ଠାନର ଗୁଣବତ୍ତା ସୁଦୂର ପ୍ରସାରୀ ହୋଇପାରିବ ସେଥିରେ ସେ ଲାଗିଥିଲେ। ମହାବିଦ୍ୟାଳୟରେ ଅଧକ୍ଷ ପଦବୀରେ ଥିବା ସମୟରେ ତାଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ ଆଲୋଚନା ଚକ୍ର, ଜାତୀୟ ବିକାଶ ପାଇଁ ବିଭିନ୍ନ ସମ୍ପାନମାନ ପ୍ରସ୍ତୁତ କରାଯାଇ ମହାବିଦ୍ୟାଳୟ ପରିସରରେ ସଫଳତାର ସହ ସଂଗଠିତ ହୋଇଛି।





ବିଳାସ ଓ ପ୍ରାଚୁର୍ଯ୍ୟର ଲୋଭରୁ ନିଜକୁ ଯଥାସମ୍ଭବ ମୁକ୍ତ କରି ରଖିଥିବା ଏହି ଖିଆଲି ମନର ବାଦଶାହା ପ୍ରକୃତି ଓ କଳ୍ପନାରେ ଜିଉଁଥିଲେ। ଯାବତୀୟ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ରହି ବୃହତ୍ତର ସମାଜ ଗଠନର ସ୍ୱପ୍ନ ଆଙ୍କୁଥିବା ଏହି ଚିତ୍ରକର ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କ ମାର୍ଜିତ, ପ୍ରେମୋଚ୍ଛଳ ବ୍ୟକ୍ତିତ୍ୱ, ପ୍ରକୃତି ସୁରକ୍ଷା ପାଇଁ ତାଙ୍କ ପ୍ରୟାସ, ତାଙ୍କ କାର୍ଯ୍ୟ ଅଭୁଲା ହୋଇ ରହିବ। ତାଙ୍କୁ ଜାଣିଥିବା ଏବଂ ପଢିଥିବା ପ୍ରତିଟି ମଣିଷ ଅତୁଲ ବଳଙ୍କ ଭଳି ପ୍ରାଣବନ୍ତ ମଣିଷକୁ ହୃଦୟରେ ସାଇତି ରଖିବ।

ଡାକ ବିଭାଗ, ହାଇଦ୍ରାବାଦ,
ମୋ-୮୨୪୯୧୬୨୨୨୫

## ଏହି ସପ୍ତାହ, ସେହି ବର୍ଷ (ମାର୍ଚ୍ଚ ୨୨-୨୮)

### ଏଇ ସପ୍ତାହ

ମାର୍ଚ୍ଚ ୨୨, ୧୮୮୨-ଘାତକ ସଂକ୍ରାମକ ରୋଗ ଟିବିର ଚିହ୍ନଟ ହୋଇଥିଲା।




ମାର୍ଚ୍ଚ ୨୩, ୨୦୧୨-ସଚିନ୍ ତେନ୍ଦୁଲକର ଅନ୍ତଃରାଷ୍ଟ୍ରୀୟ କ୍ରିକେଟ୍‌ରେ ୧୦୦ଟି ଶତକ କରିଥିବା ପ୍ରଥମ କ୍ରିକେଟର୍ ହେବାର ଗୌରବ ପ୍ରାପ୍ତ କରିଥିଲେ।




ମାର୍ଚ୍ଚ ୨୪, ୧୯୩୨- ଆମେରିକାରେ ଚଳନ୍ତା ଟ୍ରେନ୍‌ରୁ ପ୍ରଥମ ରେଡିଓ ପ୍ରସାରଣ ହୋଇଥିଲା।



ମାର୍ଚ୍ଚ ୨୫, ୧୮୦୭- ବ୍ରିଟିଶ ସାଂସଦ ଦାସ ବ୍ୟାପାର ସମାପ୍ତ କରିଥିଲେ।




ମାର୍ଚ୍ଚ ୨୬, ୨୦୦୮- ଅନ୍ତରୀକ୍ଷ ଯାନ ଏଣ୍ଡିଏଭର୍ ପୃଥିବୀକୁ ସଫଳତାପୂର୍ବକ ସୁରକ୍ଷିତ ଫେରିଆସିଥିଲା।




ମାର୍ଚ୍ଚ ୨୭, ୧୯୧୭-ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ମହିଳା ସେନା ସହାୟକ କୋର୍‌ର ସ୍ଥାପନା ହୋଇଥିଲା।



ମାର୍ଚ୍ଚ ୨୮, ୧୯୭୨- ତତ୍କାଳୀନ ସୋଭିଏତ ରୁଷ ପରମାଣୁ ପରୀକ୍ଷଣ କରିଥିଲା।



# ଇଭି ଯାନବାହାନର ଫାଇଦା




ମନସିଜ୍ ଦାସ

ମଧ୍ୟପ୍ରାଚ୍ୟରେ ସଂଗଠିତ ଭୟଙ୍କର ଯୁଦ୍ଧ ଭିତରେ ଭାରତରେ ତେଲ, ଘରୋଇ ଗ୍ୟାସ ଓ ଲୁବ୍ରିକାଣ୍ଟକୁ ନେଇ ଭାଳେଣି ପଡ଼ିଗଲାଣି। ପ୍ରତିଦିନ ଭାରତର ରାସ୍ତାରେ ଲକ୍ଷ ଲକ୍ଷ ଯାନବାହାନ ଚାଲୁଛି। ଆମେ ଦେଖୁଛୁ ମଫସଲ ଠାରୁ ସହର ଫାଙ୍କା ରାସ୍ତା ହେଉ ବା ଭିଡ଼, ଦୁଇ ଚକିଆ ଠାରୁ ତିନିଚକିଆ, କାର ଠାରୁ ହାଇଓ୍ୱା ଏବଂ ଦେଶର ଭିତ୍ତିଭୂମି, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗେଇ ନେଉଥିବା ଟ୍ରକ। ଏସବୁ ଭିତରୁ ଅଧିକାଂଶ ପ୍ରେଟୋଲ ବା ଡିଜେଲ ଦ୍ୱାରା ପରିଚାଳିତ। ଥରେ ଚିନ୍ତା କରି ଦେଖନ୍ତୁ, ଯଦି ଭାରତର ସମସ୍ତ ଯାନବାହାନ ଇଲେକ୍ଟ୍ରିକ ହୋଇଯାଏ ତେବେ କ'ଣ ହେବ ? କେହି କେହି ଏହାକୁ ଧୂଆଁ ମିଶା ଭାଷଣ କହିପାରନ୍ତି କିନ୍ତୁ ଏହା ନିଃସନ୍ଦେହ ଯେ ଏ ବ୍ୟବସ୍ଥାଟି ଭାରତର ଅର୍ଥନୀତି, ଉର୍ଜ୍ଜା ସୁରକ୍ଷା ଓ ପରିବେଶର ଭବିଷ୍ୟତକୁ ଆମୂଳ ଚୂଳ ଓଲଟ ପାଲଟ କରିଦେଇପାରେ।

ଆମେ ଜାଣିଛେ ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନୀକାରୀ ଦେଶ। ଭାରତରେ ଚାହିଦା ଠାରୁ ଖୁବ୍ କମ ପରିମାଣର ତେଲ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନୀ କରିଥାଏ। ଦେଶର ଜିଡ଼ିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନୀ ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ। ତେଲ ବ୍ୟବହାରର ବଡ଼ ରାଜସ୍ୱ ପରିବହନ ଖାତାରୁ ଆସିଥାଏ। ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହାନ ଉପଭୋଗ କରେ। ଏହି କ୍ଷେତ୍ରରେ ହିଁ ଆମେ ଆଜିର ଆଲୋଚନାଟି ରଖୁଛୁ। ଯଦି ଯାନବାହାନ ଗୁଡ଼ିକ ଧୀରେ ଧୀରେ ଇଲେକ୍ଟ୍ରିକ ଯୁକ୍ତ ହୋଇଯାଆନ୍ତି ତେବେ ଭାରତର ତୈଳ ଆମଦାନୀର ଚାପଗ୍ରସ୍ତ ବଡ଼ ଅଂଶଟି କମିଯିବ। ଏହାର ସୁଯୋଗର ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବା ସହ ଆମ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ପନ୍ନ କରିବା ପାଇଁ ଏକା ଏକ ବଡ଼ ସ୍ୱାସ୍ଥ୍ୟକର ପରିବର୍ତ୍ତନର ସହାୟକ ହେବ।



ଆମେ ଜାଣିଛେ ସମଗ୍ର ବିଶ୍ୱରେ ତେଲ ବଜାର ସବୁବେଳେ ଅସ୍ଥିର ରହିଥାଏ। ପରିପାର୍ଶ୍ୱିକ ଘଟଣାବଳୀ, ଯୁଦ୍ଧ, ରାଜନୈତିକ ସଙ୍କଟ, ନିଷେଧାଦେଶ କିମ୍ୱା ଉତ୍ପାଦନ କମିଲେ ତେଲ ଦାମ ହଠାତ୍ ବଢ଼ିଯାଏ। ଭାରତ ଭଳି ବଡ଼ ଆମଦାନକାରୀ ଓ ତେଲ ଉପରେ ଅଧିକ ନିର୍ଭରଶୀଳ ଦେଶମାନେ ଏହି ଅସ୍ଥିରତାର ପ୍ରଭାବକୁ ବେଶ ସହଜରେ ଅନୁଭବ କରନ୍ତି। କିନ୍ତୁ ଇଲେକ୍ଟ୍ରିକ ଯୁକ୍ତ ଯାନବାହାନ ବ୍ୟବସ୍ଥା ବିଦେଶୀ ତେଲ ଉପରୁ ନିର୍ଭରତା କମାଇ ପାରିବ। ତାହାର ବଦଳରେ ଦେଶରେ ଉତ୍ପାଦିତ ବିଦ୍ୟୁତ ଶକ୍ତି ଯାନବାହାନକୁ ଚଲାଇ ପାରିବେ। ଏହା ଭାରତକୁ ଏକ ବହୁତ ବଡ଼ ଉର୍ଜ୍ଜା ନିର୍ଭରତାରୁ ଉର୍ଜ୍ଜା ସୁରକ୍ଷା ଦିଗକୁ ଆଗେଇ ନେଇଯିବ।

ବର୍ତ୍ତମାନ ସମୟରେ ପରିବେଶକୁ ନେଇ ଆମେ ଅନେକ ବିପର୍ଯ୍ୟୟ ଓ ଆହ୍ୱାନକୁ ସାମ୍ନା କରୁଛୁ। ଭାରତର ମୋଟ କାର୍ବନ ନିସ୍ତାରଣର ପ୍ରାୟ ୧୦ରୁ ୧୨% ପରିବହନ କ୍ଷେତ୍ରରୁ ଆସିଥାଏ। ବର୍ତ୍ତମାନ ଭାରତର ଛୋଟବଡ଼ ଅଧିକାଂଶ ସହରରେ ବାୟୁ ପ୍ରଦୂଷଣର ବଡ଼ କାରଣ ହେଉଛି ଯାନବାହାନର ବିଷାକ୍ତ ଧୂଆଁ। ଇଲେକ୍ଟ୍ରି ଯାନବାହାନରୁ ଏହି ନିସ୍ତାରଣ ହୋଇ ନଥାଏ। ଯଦି ଭାରତର ୩୦ କୋଟିରୁ ଅଧିକ ଯାନବାହାନର ବଡ଼ ଅଂଶ ଇଲେକ୍ଟ୍ରିକ ହୋଇଯାଏ ସହର ମାନଙ୍କର ବାୟୁ ଗୁଣବତ୍ତା ଦୃଶ୍ୟମାନ ଭାବରେ ଉନ୍ନତ ହେବ। ଟିକିଏ ଭଲ ଭାବେ ଚିନ୍ତା କରନ୍ତୁ ଏହାର ସୁଫଳ ଆମ ମାନଙ୍କୁ ଅନେକ ମିଳିବ। ସ୍ୱଚ୍ଛ ଓ ନିରୋଗ ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶଟି ପାଇବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ଆସିବ, ଚିକିତ୍ସା ବ୍ୟୟ ଖର୍ଚ୍ଚ କମିବ ଓ ଉତ୍ତମ ଜୀବନମାନ ଆମେ ନିର୍ବାହ କରିପାରିବା। ଏହି ଆଲୋଚନା ବେଳେ ଏକ ସ୍ୱାଭାବିକ ପ୍ରଶ୍ନ ଆସେ ଯେ ବିଦ୍ୟୁତ କେଉଁଠାରୁ ଆସିଥାଏ ? ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ନବୀକରଣଶୀଳ ଉର୍ଜ୍ଜା ବଜାର ମାନଙ୍କ ମଧ୍ୟରେ ଗୋଟିଏ।






ଦେଶରେ ବର୍ତ୍ତମାନ ୧୮୦ଗିଗାଓ୍ୱାଟରୁ ଅଧିକ ନବୀକରଣଶୀଳ ଶକ୍ତିକ୍ଷମତା ସ୍ଥାପିତ ହୋଇଛି। ଯେଉଁଥିରେ ସୂର୍ଯ୍ୟ, ପବନ ଓ ଜଳ ବିଦ୍ୟୁତ ଅନ୍ତର୍ଭୁକ୍ତ। ଯଦି ଇଲେକ୍ଟ୍ରିକ ଯାନବାହାନ ଓ ନବୀକରଣଶୀଳ ଶକ୍ତି ସାଥୀ ହୋଇ ଆଗକୁ ବଢ଼ନ୍ତେ ତେବେ ସମୟ ଆସିବ ଦିନେ ଆମ ମାନଙ୍କର ଯାନବାହାନ ସୂର୍ଯ୍ୟ ଓ ପବନ ଶକ୍ତିରେ ଚାଲିପାରିବ। ଆଜି ଆମ ଦେଶର ବଡ଼ ରାଜସ୍ୱ, ସମୟ, ସମ୍ପଦ ତଲେ ଆମଦାନୀ, ବିଶୋଧନକରଣ, ଇନ୍ଧନ ବିତରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛି। ତେବେ ଇଲେକ୍ଟ୍ରିକ ଯାନବାହାନରେ ବ୍ୟାଟେରୀ ପ୍ରଯୁକ୍ତି ଓ ଉନ୍ନତ ଚାର୍ଜିଂ ଢ଼ାଞ୍ଚା ରହୁଥିବାରୁ ବିଦ୍ୟୁତ୍ ଗ୍ରୀଡ଼ ଆଧୁନିକୀକରଣ ଜରୁରୀ। ଏହାଦ୍ୱାରା ଭାରତ ଏହାର ବଡ଼ ଆୟର ଭାଗ ଭବିଷ୍ୟତ ନିମିତ୍ତ ଉର୍ଜ୍ଜା ପ୍ରଯୁକ୍ତିର ନିବେଶ କରିପାରିବ। ଏହା କେବଳ ଉର୍ଜ୍ଜାର ପ୍ରସଙ୍ଗ ନୁହେଁ ନୂଆ ଶିଳ୍ପ ଗଢ଼ି ଉଠିବା ସହ ବ୍ୟାପକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବ। ଏହାର ବିକଶିତ କ୍ଷେତ୍ର ବ୍ୟାଟେରୀ ଉତ୍ପାଦନ, ଇଭି ଉପକରଣ ନିର୍ମାଣ, ଚାର୍ଜିଂ ନେଟଓ୍ୱାର୍କ, ସ୍ମାର୍ଟ ମୋବିଲିଟି ପ୍ରଯୁକ୍ତିକୁ ତ୍ୱରାନ୍ୱିତ କରିବ। ଭାରତକୁ ଏକ ଇଲେକ୍ଟ୍ରିକ ଯାନ ଶିଳ୍ପର ପ୍ରମୁଖ ହବ୍ ଭାବରେ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାର ସମ୍ଭାବନା ମଧ୍ୟ ରହିବ ନିଶ୍ଚୟ। କେହି କେହି ଇଲେକ୍ଟ୍ରିକ ଯାନର ବ୍ୟାପକ ବ୍ୟବହାରକୁ ଦିବା ସ୍ୱପ୍ନ କହିପାରନ୍ତି କିନ୍ତୁ ଏହା ତେଲ ଆମଦାନୀ ନିର୍ଭରତା ଉପରେ ନିୟନ୍ତ୍ରଣ ରଖିବା ସହ ଏକ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ଆମେ ସୃଷ୍ଟି କରିପାରିବା ଏବଂ ଭାରତ ସୂର୍ଯ୍ୟ, ପବନ ଓ ବିଦ୍ୟୁତ ଶକ୍ତିରେ ଏକ ଉନ୍ନତ ଅତ୍ୟାଧୁନିକ ପ୍ରଯୁକ୍ତି ସମ୍ପନ୍ନ ଭବିଷ୍ୟତ ଗଢ଼ିବାରେ ସମର୍ଥ୍ୟ ହେବ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ**
**ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**
E-mail : manasijdas@rediffmail.com

# ସାମାଜିକ ଗଣମାଧ୍ୟମ ଓ ଆଇନ

ସୌର ଚନ୍ଦ୍ର ମହାପାତ୍ର

**ବର୍ତ୍ତମାନର ସମୟରେ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ସହ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ସାମାଜିକ ଗଣମାଧ୍ୟମ। ତେବେ ସାମାଜିକ ଗଣମାଧ୍ୟମଟି ବର୍ତ୍ତମାନ ଅତ୍ୟାବଶ୍ୟକ ଯୋଗାଯୋଗର ପ୍ରମୁଖ ଉତ୍ସ ପାଲଟୁଥିବାବେଳେ ଏହାର ଅପବ୍ୟବହାର ଓ ଦୁରୁପଯୋଗ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟ, ମିଥ୍ୟା ତଥ୍ୟ, ଦେଶ ବିରୋଧୀ ଚିନ୍ତାଧାରା ଓ ଆଇନଭଙ୍ଗକାରୀ ପ୍ରସଙ୍ଗ ସବୁ ଉଲ୍ଲେଖିତ ହେଉଥିବାରୁ ଏହା ଅତ୍ୟନ୍ତ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି।**






ସୋସିଆଲ ମିଡିଆର ଅପବ୍ୟବହାର ଆଇନଗତ ଭାବେ ଏକ ଅପରାଧିକ କାର୍ଯ୍ୟକଳାପ। ସୂଚନା ଥାଉକି ଆମ ଦେଶରେ ୨୦୦୦ ମସିହାରୁ ସୂଚନା ପ୍ରଯୁକ୍ତି ଆଇନ ବା 'ଇନଫରମେସନ୍ ଓ ଟେକ୍ନୋଲୋଜି ଆକ୍ଟ' ପ୍ରଚଳିତ ହୋଇ ଆସୁଛି। ସେହିପରି ଆମର ବର୍ତ୍ତମାନ ସମୟରେ ନୂତନ ଭାବେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତାର ଦଫା ୩୫୬ ଅନ୍ତର୍ଗତ ସାମାଜିକ ଗଣମାଧ୍ୟମରେ ଯେ କୌଣସି ବ୍ୟକ୍ତି କାହା ବିରୁଦ୍ଧରେ ଅପମାନ ସୂଚକ ବା ସମ୍ମାନ ହାନି ହେବା ପରି ତଥ୍ୟ ବା ସୂଚନା ପୋଷ୍ଟ କରନ୍ତୁ ବା ସେୟାର କରନ୍ତୁ ଏପରିକି ଅଶାଳୀନ କମେଣ୍ଟ ରହିଥିଲେ ଏଥିପାଇଁ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ସହ ଜୋରିମାନାର ବ୍ୟବସ୍ଥା ରହିଛି। ସେହିପରି ସେହି ଆଇନ ସହିତ ମାନହାନୀ, ଜାଲିଆତି, ଠକେଇ, ପ୍ରବଞ୍ଚନା ଆଦି ଦଫା ପାଇଁ ସଂପୃକ୍ତ ଅପରାଧୀଙ୍କ ବିରୁଦ୍ଧରେ ଆଇନର ଦଫା ୩୦୩, ୩୧୪, ୩୧୮ କାର୍ଯ୍ୟକାରୀ କରାଯାଇଥାଏ।

ସୋସିଆଲ ମିଡ଼ିଆ ନିଶ୍ଚିନ୍ତ ଭାବେ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ ସହଯୋଗୀ ପାଲଟିଛି କିନ୍ତୁ ଏଠାରେ ସୂଚୀତ କରାଯାଇପାରେ କି ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ରହିଥିବା ବ୍ୟବସ୍ଥା ଅନୁଯାୟୀ ଧାରା ୬୬ ଅନ୍ତର୍ଗତ କୌଣସି ଲୋକ ସାମାଜିକ ଗଣମାଧ୍ୟମରେ ଅପମାନ ସୂଚକ, ମାନହାନୀ ଭାବେ ଗ୍ରହଣ କରାଯାଉଥିବା ବା ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କଲେ ସର୍ବାଧିକ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ପାଞ୍ଚଲକ୍ଷ ଟଙ୍କା ଜୋରିମାନାର ଦଣ୍ଡ ପ୍ରାବଧାନ ରହିଛି। କେବଳ ସେତିକି ନୁହେଁ ଏହାର ଚାପ୍ଟର-୯ ଅନ୍ତର୍ଗତ ଧାରା ୪୩ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ପାଇଁ ବ୍ୟବହୃତ କମ୍ପ୍ୟୁଟର ସମ୍ପୃକ୍ତ ମାଲିକର ବିନା ଅନୁମତିରେ ଦେଖିଲେ ବା ଡାଟା ଡାଉନଲୋଡ୍ କଲେ କିମ୍ବା ଡାଟା ହେରେଫେର କରି କୌଣସି ଭାଇରସକୁ ପ୍ରବେଶ କରାଇବା ପରି ଅଘଟଣ ଘଟାଇଲେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶିର ଜୋରିମାନା ଦଣ୍ଡ ରହିଛି। କେବଳ ସେତିକି ନୁହେଁ ସାମାଜିକ ଗଣମାଧ୍ୟମର ଏହି ଅପମାନ ସୂଚକ ଦସ୍ତାବିଜ ବା ତଥ୍ୟକୁ କମ୍ପ୍ୟୁଟରରେ ଲୁଚାଇ ରଖିଲେ, ନଷ୍ଟ କଲେ କିମ୍ବା ଏହି କାର୍ଯ୍ୟପାଇଁ ସହାୟତା କରୁଥିଲେ ୬୬ ଧାରା ଅନୁଯାୟୀ ସାତ ବର୍ଷ ସଶ୍ରମ କାରାଦଣ୍ଡ ସହ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦଣ୍ଡ ବ୍ୟବସ୍ଥା ରହିଛି। ତେବେ ଜଣେ ଏହି କାର୍ଯ୍ୟ ବାରମ୍ବାର ଘଟାଉଥିଲେ ଧାରା ୬୬ (ଇ) ଅନୁଯାୟୀ ଛଅ ବର୍ଷ ଜେଲ ଦଣ୍ଡ ଓ ଜୋରିମାନା, ୬୬ (ସି) ଅନ୍ତର୍ଗତ ଅପବ୍ୟବହାର ହେଉ ବା ତଥ୍ୟ ସଂରକ୍ଷଣ କରି ରଖିବା ପାଇଁ ତିନିବର୍ଷ ଜେଲ ଦଣ୍ଡ ଓ ଜୋରିମାନା ବ୍ୟବସ୍ଥା ରହିଛି। ସେହିପରି ମିଛ ବା ଠକାମୀ ସୂଚକ ବିଜ୍ଞାପନ ପ୍ରସାରଣ କରୁଥିଲେ ଗ୍ରାହକ ଅଭିଯୋଗ କଲେ ୬୬ (ଡି) ଅନ୍ତର୍ଗତ ଅପରାଧ ପାଇଁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡାଦେଶ ବ୍ୟବସ୍ଥା ରହିଛି।

ଏଠାରେ ସୂଚୀତ କରାଯାଇପାରେ ଯେ କିଛି ବର୍ଷ ତଳେ ମହାରାଷ୍ଟ୍ରରେ ଜନୈକ ରାଜନେତାଙ୍କ ମିଥ୍ୟା ମୃତ୍ୟୁ ଖବର ବିଭ୍ରାନ୍ତିକର ଭାବେ ଫେସବୁକରେ ପୋଷ୍ଟିଂ ହୋଇଥିଲା ପରିଣତି ସ୍ୱରୂପ ସହରରେ ଆତଙ୍କ ଜନିତ ପରିବେଶ ପାଇଁ ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା। ତତ୍କାଳୀନ ମୁମ୍ବାଇ ପୋଲିସ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ଦୁଇଜଣଙ୍କ ବିରୁଦ୍ଧରେ ସୂଚନା ପ୍ରଯୁକ୍ତି ବିଦ୍ୟାଧାରା ୬୭ (କ) ଅନ୍ତର୍ଗତ ଏକ ମାମଲା ଦାୟର ହୋଇଥିଲା। ଏହି ମାମଲା ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୫ରେ କେନ୍ଦ୍ର ସରକାର ବନାମ ଶ୍ରୀୟାସିଙ୍ଗଲ ମାମଲାରେ ଅଦାଲତ ସମ୍ବିଧାନ ପ୍ରଣୀତ ଏହି ଧାରା ବାକ୍ ସ୍ୱାଧୀନତାର ଖୋଲା ଉଲ୍ଲଂଘନ ବୋଲି ମତ ଦେବା ସହ ଏହା ଲକ୍ଷ୍ମଣରେଖା ଅତିକ୍ରମ କରିଛି ତେଣୁ ଏହା ବେଆଇନ ଓ ସାମ୍ବିଧାନିକ ନୁହଁ ବୋଲି ଘୋଷିତ କରିଥିଲେ। ଅନେକ ସମୟରେ ସର୍ବୋଚ୍ଚ ଅଦାଲତ ବିବାଦୀୟ ଓ ବିଭ୍ରାନ୍ତିକର ଫେସ୍‌ବୁକ୍‌ର ପୋଷ୍ଟ ହେଉ ବା ୟୁଟ୍ୟୁବର ତଥ୍ୟ ବିଚାର କରୁଥିଲେ ତୁରନ୍ତ ଏହି ସବୁ ପୋଷ୍ଟକୁ ୟୁଟ୍ୟୁବ, ଫେସ୍‌ବୁକ୍ ଓ ଗୁଗୁଲ୍‌ରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ତେବେ ଏଠାରେ ଏକ ଛୋଟିଆ ସୂଚନା ରଖୁଛୁ ଜଣଙ୍କ ବିରୁଦ୍ଧରେ ଯଦି ସୋସିଆଲ ମିଡ଼ିଆରେ ବା ଇ-ମେଲରେ କୌଣସି ସମ୍ମାନ ହାନୀ ହେଉଥିବା ପରି ପୋଷ୍ଟ ଦେଖନ୍ତି ତେବେ ପ୍ରମାଣ ସ୍ୱରୂପ ଏହାର ସ୍କ୍ରିନସଟ ସଂଗ୍ରହ କରିନିଅନ୍ତୁ। ପରବର୍ତ୍ତୀ ସମୟରେ ଆପଣଙ୍କ ଆବେଦନ ବା ମାମଲାର ଏହା ଏକ ନିର୍ଭରଯୋଗ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ଉପଯୋଗ ହୋଇପାରିବ। ଏତଦ୍ ବ୍ୟତୀତ ଅପରାଧୀଙ୍କ ବିରୁଦ୍ଧରେ ଆଇନଗତ ସହାୟତା ନେଇ ସ୍ଥାନୀୟ ପୋଲିସ ପାଖରେ ଆପଣ ନିଜ ଅଭିଯୋଗ ରଖିପାରିବେ। ଜଣଙ୍କର ସର୍ବସାଧାରଣରେ ସମ୍ମାନହାନୀ ହେଉ ବା ଅପମାନ ଅନୁଭବ କରନ୍ତୁ ନିଜ ସାମ୍ବିଧାନିକ ହକ୍ ଓ ଅଧିକାର ସ୍ୱାଭିମାନର ସୁରକ୍ଷା ନିମିତ୍ତ ଆପଣ ନିଜର ଓକିଲ ପରାମର୍ଶ କରି କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିପାରିବେ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**ସଭ୍ୟ, ଓଡ଼ିଶା ଆଇନ କମିସନ, କଟକ,**
**ଦୂରଭାଷ : ୯୪୩୭୦୦୪୪୬୬**








ନଜର

ନିତିଦିନ

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ଭଙ୍ଗା ଗୋଡ଼ରେ କରିଛି ଅଭିନୟ- ଦୈତାରୀ ପଣ୍ଡା



ପ୍ରତି ରାତିର ଘଟଣା ଆମ ପାଇଁ ଅଭୁଲା। ପ୍ରତ୍ୟେକ ରାତି ପାଇଁ ନାଟକର କାହାଣୀ ଯେମିତି ନୂଆ ଥାଏ, ଆମ ଜୀବନର କାହାଣୀ ମଧ୍ୟ ସେମିତି ବଦଳୁଥାଏ। ଯାତ୍ରା ପରି ଆମ ଜୀବନ। ଅନେକ କାହାଣୀ ଯେଭଳି ନାଟକରେ ଯୋଡ଼ି ହୁଏ, ଅନେକ ଚରିତ୍ର ଯେଭଳି ରଙ୍ଗ ମାଖି ଅଭିନୟ କରନ୍ତି, ଠିକ୍ ସେମିତି ଆମ ଜୀବନର କାହାଣୀ। ଆମ ଜୀବନ ଏତେ କାହାଣୀ ବହୁଳ ହୋଇଯାଇଛି, ସବୁ କିଛି ବର୍ଣ୍ଣନା କରିବା ସହଜ ହୋଇପାରେ ନାହିଁ। ସେମିତି କିଛି କାହାଣୀ ରହିଛି, ଯାହା ଆଜି ବି ଅଭୁଲା ହୋଇ ରହିଛି। ସେ ସମୟରେ ଆଜିକାଲି ଭଳି ଏତେ ଭଲ ପେଣ୍ଡାଲ ନଥିଲା କି ଲାଇଟ୍ ସାଉଣ୍ଡ ନଥିଲା। ମାଟିର ପିଣ୍ଡି ଉପରେ ବନ୍ଧା ଯାଉଥିଲା ପେଣ୍ଡାଲ। ଖାଲଢ଼ିପ ଥିବା ସେହି ପେଣ୍ଡାଲରେ ରାତିସାରା ନାଚଗୀତ, ନାଟକ ଚାଲୁଥିଲା। ଦିନେ ସେହି ମାଟି ପେଣ୍ଡାଲରେ ମୋ ଗୋଡ଼ ମୋଡ଼ିଯାଇ ଭାଙ୍ଗି ଯାଇଥିଲା। ନାଟକର ଡିମାଣ୍ଡ ଅଧିକ ଥିବାରୁ ପରଦିନ ରାତିରେ ସେହି ନାଟକ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଥିଲା। ମୁଁ ଯଦିଓ ଅଭିନୟ କରିବା ପରିସ୍ଥିତିରେ ନଥିଲି, ମାଲିକ ବାଧ୍ୟ କରିଥିଲେ ସେହି ଭଙ୍ଗା ଗୋଡ଼ରେ ଅଭିନୟ କରିବାକୁ। ବାଧ୍ୟ ହୋଇ ଅଭିନୟ କରିବାକୁ ପଡ଼ିଥିଲା। ଯାତ୍ରାରେ ଦୀର୍ଘଦିନ ଧରି ଅଭିନୟ ଜାରି ରଖିଥିବା ଭେଟେରାନ୍ ଅଭିନେତା ଦୈତାରୀ ପଣ୍ଡା କହିବାବେଳେ ଏମିତି ଅନେକ କଥା ଭାବରେ ଗଦଗଦ ହୋଇ କହିପକାଇଥିଲେ। ଏମିତି ଅନେକ ସ୍ମୃତି ବିଜଡ଼ିତ କାହାଣୀ ତାଙ୍କ ଅଭିନୟ ଜଗତ ସହିତ ଯୋଡ଼ି ହୋଇ ରହିଛି। ଜଣେ ଖଳନାୟକ ଭାବରେ ସାରା ଓଡ଼ିଶାର ଚର୍ଚ୍ଚିତ କଳାକାର। ଦୈତାରୀ ପଣ୍ଡାଙ୍କୁ ଘରେ ଘରେ ପିଲାଛୁଆଙ୍କ ଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି। ଏତେ ଭୟଙ୍କର ଭାବରେ ଅଭିନୟ କରୁଥିଲେ, ଲୋକେ ଅଭିନୟକୁ ସତ ଭାବି ବି ଆକ୍ରମଣ କରିବାକୁ ପଛାଇ ଯାଇନାହାନ୍ତି ବୋଲି କୁହନ୍ତି ଦୈତାରୀ। ଥରେ ଏକ ମଞ୍ଚରେ ଯାତ୍ରା କରୁଥିବା ସମୟରେ ଜଣେ ଆଭିଜାତ୍ୟ ଘରର ପିଲା ଚେୟାର ଉଠାଇ ଦୈତାରୀଙ୍କ ଉପରକୁ ଫୋପାଡ଼ିଥିଲା। କମିଟି ପକ୍ଷରୁ ପିଲାଟିକୁ ପୋଲିସ ହାତରେ ଧରାଇଦେବା ପରେ ରାତିସାରା ସେମାନେ ଥାନାରେ ବସାଇ ଦେଇଥିଲେ। ଅଭିନୟକୁ ସତ ଭାବି ଏଭଳି କାଣ୍ଡ କରିଥିବା ପିଲାଟିକୁ ସକାଳେ ଯାଇ ଥାନାରୁ ଉଦ୍ଧାର କରିଥିଲେ ଦୈତାରୀ। ଏଭଳି ଅନେକ ଘଟଣା ଅଭିନୟ ଜୀବନରେ ଦେଖିବାକୁ ମିଳିଛି ବୋଲି କୁହନ୍ତି ସେ। ଅଭିନୟକୁ ନେଇ ରହିଥିବା ତିକ୍ତ ଓ ମଧୁର ଅନୁଭବ ମଧ୍ୟରେ ଦୈତାରୀଙ୍କ ମନରେ ରହିଛି କିଛି ଅନୁଶୋଚନା। ଜୀଅନ୍ତା ଶବ, ବଡ଼ଘର ବଡ଼ ଗୁମର କଥା, ଅରଣା ମଇଁଷି ରହିଛି ଅନେଇ, ଭଗବାନ ଆଜି କାଠଗଡ଼ାରେ, ଗାନ୍ଧିବାଦ ଆଜି କବର ତଳେ ଭଳି ଭଲ ଭଲ ନାଟକ ଲୋକେ ପୁଣିଥରେ ଦେଖିବାର ସୁଯୋଗ ହରାଉଛନ୍ତି। ସେ ନାଟକ ଗୁଡ଼ିକ ସୁଟିଂ ହୋଇ ନଥିବାରୁ ପୁନଃ ପ୍ରସାରଣ ସମ୍ଭବ ହୋଇପାରୁନାହିଁ। ଦୈତାରୀଙ୍କ ଜୀବନରେ ସେ ଜଣେ ସଫଳ ଅଭିନେତା ଭାବରେ ଯେଉଁସବୁ ନାଟକ କରିଛନ୍ତି, ଅଧିକାଂଶ ସୁପରହିଟ୍ ନାଟକ ଭାବରେ ବିବେଚନା ହୋଇଛି। ମୁଦ୍ରା ରାକ୍ଷସ, କଉଡ଼ିଖେଳ, ଦୁଃଖ ଦେଇଗଲା ଦରଦୀ ବନ୍ଧୁ, ବଦନାମ ହେଲି ତୋରି ପାଇଁ, ଏମିତି କାହାଣୀ କେବେ ଶୁଣିନି, ଶେଷ ଫଗୁଣକୁ ଶେଷ ଶ୍ରାବଣ, ସେଇ ଗୋଟିଏ ଭୁଲ ପାଇଁ ଆଦି ନାଟକରେ ଦୈତାରୀଙ୍କ ଅଭିନୟରେ ଦର୍ଶକ ତାଜୁବ ହୋଇଯାଇଛନ୍ତି। ପୌରାଣିକ, କାଳ୍ପନିକ, ଐତିହାସିକ ଓ ସାମାଜିକ ନାଟକରେ ଅଭିନୟ କରି ବର୍ଷ ବର୍ଷ ଧରି ଯେଉଁ ଅଭିନୟର ଦକ୍ଷତା ପ୍ରତିପାଦନ କରିଛନ୍ତି, ତାଙ୍କୁ ନେଇ ମଧ୍ୟ ଓଡ଼ିଆ ସିନେ ଜଗତ ଅନେକ ସିନେମାରେ ଅଭିନୟ କରିବାକୁ ସୁଯୋଗ ଦେଇଛି। ଗଡଫାଦର, କାଇଁଚମାଳି, ସ୍ୱପ୍ନର ନାୟିକା ପରେ ପରେ ଏବେ ରଜର ରିଲିଜ୍ ହୋଇଛି ଚନ୍ଦ୍ରବଂଶୀ। ଯେଉଁ ସିନେମାରେ ଦୈତାରୀଙ୍କୁ ବିଶେଷ ଭୂମିକାରେ ଅଭିନୟ କରିଥିବା ଦେଖିବାକୁ ମିଳିଛି।



'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com